# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା ୬୧୪୯୭ ତା ୨୯-୮-୨୩ ରିଖ

ପ୍ରାପ୍ତେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- ଭୁବନେଶ୍ୱର ମହାନଗର ନିଗମର ତା୨୩.୦୮.୨୦୨୩ ରିଖ କର୍ପୋରେସନ ସାଧାରଣ ବୈଠକ ବିବରଣୀ ପ୍ରେରଣ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଭୁବନେଶ୍ୱର ମହାନଗର ନିଗମର ତା୨୩.୦୮.୨୦୨୩ ରିଖରେ ଅନୁଷ୍ଠିତ ହୋଇଥିବା କର୍ପୋରେସନ ସାଧାରଣ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

ସଚିବ ୨୯/୮/୨୩
ଭୁବନେଶ୍ୱର ମହାନଗର ନିଗମ

**ସଂଲଗ୍ନକ- ଉପରବର୍ଣ୍ଣିତ ମତେ,**

ଜ୍ଞାପକ ସଂଖ୍ୟା- ୬୧୪୯୮/ତା ୨୯-୮-୨୩ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡ଼େପୁଟି ମେୟର/ ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ ୨୯/୮/୨୩
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୬୧୪୯୯/ତା ୨୯-୮-୨୩ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ଼ ନିମନ୍ତେ ପ୍ରେରଣ କରାଗଲା ।

ସଚିବ ୨୯/୮/୨୩
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ୬୧୫୦୦/ତା ୨୯-୮-୨୩ ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଅଭିଯୋଗ ପ୍ରକୋଷ୍ଠ/ ମ୍ୟୁନିସିପାଲ୍ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ/ ସଚିବ/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩/ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍)/ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍)/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ ପୌର ମୁଖ୍ୟ ଚିକିତ୍ସାଧିକାରୀ/ ବିତ ଅଧିକାରୀ/ ନଗର ଯୋଜନାକାରୀ/ ଡ଼ି.ସି. (ପରିମଳ)/ ଡ଼ି.ସି. (ଜନମଙ୍ଗଳ)/ ଡି.ସି. (ହାଉସିଂ)/ ଡ଼ି.ସି. (ମାର୍କେଟ୍)/ ଡ଼ି.ସି (ଲ୍ୟାଣ୍ଡ)/ ଡ଼ି.ସି (ଯାନ)/ ଡ଼ି.ସି. (ରାଜସ୍ୱ)/ ଡ଼ି.ସି. (ଆଇ.ଟି)/ ଡ଼ି.ସି. (ପ୍ରତିଷ୍ଠାନ ଓ ଲିଗାଲ୍)/ ଜୋନାଲ୍ ଡ଼େପୁଟି କମିଶନର (ଉତର/ ଦକ୍ଷିଣ-ପୂର୍ବ/ଦକ୍ଷିଣ-ପଶ୍ଚିମ)/ମୁଖ୍ୟ ସମୀକ୍ଷକ/ ପରିବେଶ ଅଧିକାରୀ/ ମୁଖ୍ୟ ସହାୟକ ସମୂହ/ ହିସାବ ରକ୍ଷକ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ ୨୯/୮/୨୩
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ
## ସାଧାରଣ ବୈଠକ ବିବରଣୀ

ତା.୨୩.୦୮.୨୦୨୩ ରିଖ ✸ ସମୟ: ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ✸ ସ୍ଥାନ :BMC-ICOMC ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା

*ସର୍ବଶ୍ରୀ/ଶ୍ରୀମତୀ:*

| | | |
|---|---|---|
| ୧. | ସୁଲୋଚନା ଦାସ | ମେୟର |
| ୨. | ମିହିର କୁମାର ରାଉତ | ୱାର୍ଡ ନଂ-୦୧ |
| ୩. | ମୋନାଲିସା ବେହେରା | ୱାର୍ଡ ନଂ-୦୨ |
| ୪. | ଲକ୍ଷ୍ମୀପ୍ରିୟା ପରିଡ଼ା | ୱାର୍ଡ ନଂ-୦୩ |
| ୫. | ମିନୁଶ୍ରୀ ଖୁଂଟିଆ | ୱାର୍ଡ ନଂ-୦୫ |
| ୬. | ପ୍ରୀତିନନ୍ଦା ରାଉତରାୟ | ୱାର୍ଡ ନଂ-୦୬ |
| ୭. | ଯଶୋଧାରା ପ୍ରଧାନ | ୱାର୍ଡ ନଂ-୦୭ |
| ୮. | ଲାଲ୍‌ମୋହନ ଟୁଡୁ | ୱାର୍ଡ ନଂ-୦୮ |
| ୯. | ସୁଷମା ସାହୁ | ୱାର୍ଡ ନଂ-୦୯ |
| ୧୦. | ସେକ୍ ନୁରହାସନ୍ | ୱାର୍ଡ ନଂ-୧୦ |
| ୧୧. | ପ୍ରଭାସିନି ମହାନ୍ତି | ୱାର୍ଡ ନଂ-୧୧ |
| ୧୨. | ଜୟନ୍ତି ସାହୁ | ୱାର୍ଡ ନଂ-୧୨ |
| ୧୩. | ଇତିଶ୍ରୀ ଦାସ | ୱାର୍ଡ ନଂ-୧୩ |
| ୧୪. | ମୋନାଲିସା ସାହୁ | ୱାର୍ଡ ନଂ-୧୪ |
| ୧୫. | ପିଙ୍କି ସ୍ୱାଇଁ | ୱାର୍ଡ ନଂ-୧୫ |
| ୧୬. | ଅଚ୍ୟୁତାନନ୍ଦ ସ୍ୱାଇଁ | ୱାର୍ଡ ନଂ-୧୬ |
| ୧୭. | ପୂଜା ମହାରଣା | ୱାର୍ଡ ନଂ-୧୭ |
| ୧୮. | ବିପ୍ଲବ ବେହେରା | ୱାର୍ଡ ନଂ-୧୮ |
| ୧୯. | ସ୍ମୃତିଶିଖା ବରିସଲ | ୱାର୍ଡ ନଂ-୧୯ |
| ୨୦. | ପୂଜା ବେହେରା | ୱାର୍ଡ ନଂ-୨୧ |
| ୨୧. | କିରଣବାଳା ମାଝୀ | ୱାର୍ଡ ନଂ-୨୩ |
| ୨୨. | ଦୀପକ କୁମାର ମିଶ୍ର | ୱାର୍ଡ ନଂ-୨୪ |
| ୨୩. | ଭାରତୀ ସିଂ | ୱାର୍ଡ ନଂ-୨୬ |
| ୨୪. | ଶୁଭାଂଶୁ ଶେଖର ପଟ୍ଟନାୟକ | ୱାର୍ଡ ନଂ-୨୭ |
| ୨୫. | ଝରଣା ରାଣୀ ପତି | ୱାର୍ଡ ନଂ-୨୮ |
| ୨୬. | ଅପରୂପ ନାରାୟଣ ରାଉତ | ୱାର୍ଡ ନଂ-୨୯ |
| ୨୭. | ରାଜକିଶୋର ଦାସ | ୱାର୍ଡ ନଂ-୩୦ |
| ୨୮. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ ନଂ-୩୧ |
| ୨୯. | ଶ୍ରୀଧର ଜେନା | ୱାର୍ଡ ନଂ-୩୨ |
| ୩୦. | ଧରିତ୍ରୀ ଜେନା | ୱାର୍ଡ ନଂ-୩୩ |
| ୩୧. | ପୁଷ୍ପାଞ୍ଜଳୀ ସେଠୀ | ୱାର୍ଡ ନଂ-୩୪ |
| ୩୨. | ରଞ୍ଜୁଲତା ରାୟ | ୱାର୍ଡ ନଂ-୩୫ |
| ୩୩. | ଅଳିଅଳି ମଲିକ୍ | ୱାର୍ଡ ନଂ-୩୬ |
| ୩୪. | ବନ୍ଦିତା ପାଲ୍ | ୱାର୍ଡ ନଂ-୩୭ |
| ୩୫. | ଗିତାଞ୍ଜଳୀ ସାହୁ | ୱାର୍ଡ ନଂ-୩୯ |
| ୩୬. | ଅସିୟା ବେଗମ୍ | ୱାର୍ଡ ନଂ-୪୦ |
| ୩୭. | କବିତା ସ୍ୱାଇଁ | ୱାର୍ଡ ନଂ-୪୧ |
| ୩୮. | ଆଶିଷ କୁମାର ପଟ୍ଟନାୟକ | ୱାର୍ଡ ନଂ-୪୨ |
| ୩୯. | ଭରତ କୁମାର ଲେଙ୍କା | ୱାର୍ଡ ନଂ-୪୩ |
| ୪୦. | ଅଜିତ୍ ବେହେରା | ୱାର୍ଡ ନଂ-୪୪ |
| ୪୧. | ଅମରେଶ ଜେନା | ୱାର୍ଡ ନଂ-୪୫ |
| ୪୨. | ପୁଷ୍ପା ରାଉତ | ୱାର୍ଡ ନଂ-୪୬ |
| ୪୩. | ସମିତା ମହାନ୍ତି | ୱାର୍ଡ ନଂ-୪୭ |
| ୪୪. | ସୁଚିତ୍ରା ପାତ୍ର | ୱାର୍ଡ ନଂ-୪୮ |
| ୪୫. | ସଂଯୁକ୍ତା ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୪୬. | ରାମଚନ୍ଦ୍ର ରଣସିଂହ | ୱାର୍ଡ ନଂ-୫୦ |
| ୪୭. | ବିନୟିନୀ ଜେନା | ୱାର୍ଡ ନଂ-୫୧ |
| ୪୮. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୪୯. | ମହାମାୟା ସ୍ୱାଇଁ | ୱାର୍ଡ ନଂ-୫୩ |
| ୫୦. | ଶିବ ପ୍ରସାଦ ବେହେରା | ୱାର୍ଡ ନଂ-୫୪ |
| ୫୧. | ନୃପେଶ କୁମାର ନାୟକ | ୱାର୍ଡ ନଂ-୫୫ |
| ୫୨. | କେ. ଶାନ୍ତି | ୱାର୍ଡ ନଂ-୫୬ |
| ୫୩. | ନମିତା ମହାପାତ୍ର | ୱାର୍ଡ ନଂ-୫୮ |
| ୫୪. | ବିଙ୍ଗଟି ନାରାୟଣ ମହାସୁପକାର | ୱାର୍ଡ ନଂ-୫୯ |
| ୫୫. | ଚନ୍ଦ୍ରଶେଖର ମଲିଆ | ୱାର୍ଡ ନଂ-୬୦ |
| ୫୬. | ଶିବ ନାରାୟଣ ରାୟ | ୱାର୍ଡ ନଂ-୬୧ |
| ୫୭. | ସୁଜାତା ଛୋଟରାୟ | ୱାର୍ଡ ନଂ-୬୩ |
| ୫୮. | ରଶ୍ମି ରଞ୍ଜନ ପାଟଶାଣୀ | ୱାର୍ଡ ନଂ-୬୫ |
| ୫୯. | ଛବି ଦାଶ | ୱାର୍ଡ ନଂ-୬୬ |
| ୬୦. | ମଧୁସ୍ମିତା ପ୍ରଧାନ | ୱାର୍ଡ ନଂ-୬୭ |

୬୧. ସୁରେଶ କୁମାର ରାଉତରାୟ
ମାନ୍ୟବର ବିଧାୟକ, ଜଟଣୀ

୬୨. ଦାଶରଥି ଗରାବଡୁ
ମାନ୍ୟବର ବିଧାୟକ, ଭୁବନେଶ୍ୱର "ଏକାମ୍ର"-ତଥା-ମନ୍ତ୍ରୀଙ୍କ ପ୍ରତିନିଧି

୬୩. ମଦନ ମୋହନ ପ୍ରଧାନ,
ମାନନୀୟା ଲୋକସଭା ସାଂସଦ, ଭୁବନେଶ୍ୱରଙ୍କ ପ୍ରତିନିଧି

୬୪. କୁନିଲତା ମହାରଣା
ମାନ୍ୟବର ବିଧାୟକ,ଭୁବନେଶ୍ୱର "ଉତର" ଙ୍କ ପ୍ରତିନିଧି

୬୫. ମିଲନ କୁମାର ପାଇକରାୟ
ମାନ୍ୟବର ବିଧାୟକ,ଭୁବନେଶ୍ୱର "ମଧ" ଙ୍କ ପ୍ରତିନିଧି

ଅଦ୍ୟ ତା ୨୩.୦୮.୨୦୨୩ ରିଖ ପୂର୍ବାହ୍ନ ୧୦ ଘଟିକା ୩୦ ମିନିଟ୍ ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ "ଏକାମ୍ର" BMC- ICOMC ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନନୀୟା ମେୟର-ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ଥିବା ମାନ୍ୟବର ବିଧାୟକ, "ଜଟଣୀ" ଶ୍ରୀ ସୁରେଶ କୁମାର ରାଉତରାୟ, ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ଚେୟାର୍‌ପର୍‌ସନ୍, କମିଶନର, ଅତିରିକ୍ତ କମିଶନର, କର୍ପୋରେଟର, ମାନନୀୟା ଲୋକସଭା ସାଂସଦ, ଭୁବନେଶ୍ୱରଙ୍କ ପ୍ରତିନିଧି, ମାନ୍ୟବର ବିଧାୟକ, ଭୁବନେଶ୍ୱର "ଏକାମ୍ର" ତଥା ମନ୍ତ୍ରୀଙ୍କ ପ୍ରତିନିଧି, ମାନ୍ୟବର ବିଧାୟକ, ଭୁବନେଶ୍ୱର "ମଧ" ଙ୍କ ପ୍ରତିନିଧି, ମାନ୍ୟବର ବିଧାୟକ, ଭୁବନେଶ୍ୱର "ଉତର" ଙ୍କ ପ୍ରତିନିଧି, ନିଗମର ଅନ୍ୟାନ୍ୟ ଅଧିକାରୀ ଓ ବିଭିନ୍ନ ବିଭାଗରୁ ଆସିଥିବା ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ । ନିମଗର ପ୍ରଚଳିତ ପ୍ରଥା ଅନୁଯାୟୀ '**ବନ୍ଦେ ଉତ୍କଳ ଜନନୀ**' ବନ୍ଦନା ଗାନ କରାଯିବା ପରେ କାର୍ଯ୍ୟସୂଚୀ ମତେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରାରମ୍ଭରେ ସଭାପତି ସମସ୍ତଙ୍କୁ ପ୍ରଣାମ ଜଣାଇ କହିଥିଲେ ଯେ, ଚଳିତ ବର୍ଷ ଯେଉଁଭଳି ଭାବରେ ବର୍ଷା ହେଲା ଦୀର୍ଘ ୨୦ ବର୍ଷରେ ଏଭଳି ବର୍ଷା ହୋଇନଥିଲା । ଆମର ଟିମ୍‌କୁ ଧନ୍ୟବାଦ ଜଣାଉଅଛି, ଲାଇନ୍ ଡ଼ିପାର୍ଟମେଂଟ ମଧ କାମ କରିଛନ୍ତି । ଭୁବନେଶ୍ୱର ଜନସାଧାରଣ ମଧ ସହଯୋଗ କରିଛନ୍ତି ଏହାକୁ ଆମେ ସଫଳତାର ସହିତ ମୁକାବିଲା କରିପାରିଅଛେ, ଏ ବର୍ଷ ଭୁବନେଶ୍ୱର ସହିତ ସାରା ରାଜ୍ୟରେ ଡ଼େଙ୍ଗୁ ରୋଗ ବ୍ୟାପୁଅଛି । ଆମକୁ ଘର ଘର ପ୍ରୋଗ୍ରାମକୁ ସଫଳ କରିବାକୁ ପଡ଼ିବ । ପରିମଳ ନିରୀକ୍ଷକ, ୱାର୍ଡ଼ ଅଫିସର ଓ କର୍ପୋରେଟର ଚେଷ୍ଟା କରିବାକୁ ପଡ଼ିବ । ଲୋକମାନଙ୍କର ବାହାରେ ଅଳିଆ ପକାଇବା ଅଭ୍ୟାସ ରହିଅଛି । ମୁଁ ଗୋଟିଏ ୱାର୍ଡ଼କୁ ଯାଇଥିଲି ସେଠାରେ ଯୁଆଡ଼େ ଦେଖିବ ମଶା ବ୍ରିଡ଼ିଙ୍ଗ୍ ହେଉଛନ୍ତି । ଲୋକମାନଙ୍କୁ ସଚେତନ କରାଇବାକୁ ପଡ଼ିବ । ଲୋକ ମାନଙ୍କର Expectation ବଢ଼ିଯାଇଅଛି, ଯାହା ସମାସ୍ୟା ଅଛି ତାହା ଆଲୋଚନା କରି ସମାଧାନ କରିବା । କର୍ମଚ୍ଚରୀ ମାନେ ଦିନରାତି କାମ କରୁଛନ୍ତି ସେଥିପାଇଁ ଧନ୍ୟବାଦ ଦେଉଅଛି । ସ୍ୱାୟତ ଶାସନ ଦିବସ ଗୋଟିଏ ଦିନ ଭଲ ଭାବରେ ପାଳନ କରିବା । ଅତିଥି ଓ ମାନ୍ୟବର ବିଧାୟକ ମାନେ ସମୟ ଦେଇପାରୁନାହାଁନ୍ତି, ତାଙ୍କୁ ଆଗରୁ ନିମନ୍ତ୍ରଣ କରିବାକୁ ପଡ଼ିବ । ବଡ଼ ବଡ଼ ପ୍ରକଳ୍ପର ଶିଳାନ୍ୟାସ କରାଯିବ । ଗୋଟିଏ ଟିମ୍ ହୋଇ କାମ କରିବାକୁ ପଡ଼ିବ । ଆମ୍ଭେମାନେ ଯେଉଁ ସ୍ୱପ୍ନ ଦେଖିଛେ ତାକୁ ସଫଳ କରିବା । ରାଜ୍ୟ ସରକାର ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ୍ ଚ୍ଚଲିବା ପାଇଁ ଟ ୫,୯୯୯ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କମିଶନର, ବୈଠକରେ ଉପସ୍ଥିତ ଥିବା ମାନନୀୟା ମେୟର, ମାନ୍ୟବର ବିଧାୟକ, "ଜଟଣୀ", ସମସ୍ତ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ଚେୟାର୍‌ପର୍‌ସନ୍, କର୍ପୋରେଟର, ମାନନୀୟା ଲୋକସଭା ସାଂସଦ ଓ ମାନ୍ୟବର ବିଧାୟକଙ୍କ ପ୍ରତିନିଧିଙ୍କୁ ଶୁଭକାମନା ଜଣାଇ କହିଥିଲେ ଯେ, ସହରରେ ଡ଼େଙ୍ଗୁ ରୋଗ ବ୍ୟାପିବା କମିଅଛି, ଡ଼େଙ୍ଗୁ ବିଷୟରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଥିଲେ । ଡ଼େଙ୍ଗୁ ରୋଗୀଙ୍କ ସଂଖ୍ୟା ବିଗତ ବର୍ଷ ଅପେକ୍ଷା କମ୍ ଅଛି । ଆମକୁ ଘର ଘର ପ୍ରୋଗ୍ରାମକୁ ସଫଳ କରିବାକୁ ପଡ଼ିବ । ବସ୍ତିବାସିନ୍ଦା ମାନଙ୍କ ପାଇଁ ବିଜୁ ଆଦର୍ଶ କଲୋନୀ ଓ ଭୂମି ପ୍ରମାଣପତ୍ର ଦେବାପାଇଁ କାର୍ଯ୍ୟ ଚ୍ଚଲିଅଛି । ପ୍ରଥମ ପର୍ଯ୍ୟାୟରେ ୫୧ ହଜାର LRC ଦିଆଯିବ । ମାନ୍ୟବର ମୁଖ୍ୟମନ୍ତ୍ରୀ ୫ ହଜାର LRC ବାଂଟିବେ । ସେହିଦିନ ଅନ୍ୟ ତିନି ଗୋଟି ଜୋନ୍‌ରେ ଅନ୍ୟ LRC ଗୁଡ଼ିକ ମାନ୍ୟବର ବିଧାୟକଙ୍କ ଦ୍ୱାରା ବଂଟାଯିବ । ସ୍ୱାୟତ ଶାସନ ଦିବସକୁ ଆମ୍ଭେମାନେ ଭଲ ଭାବରେ ପାଳନ କରିବା କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁରୋଧ କ୍ରମେ ମାନ୍ୟବର ବିଧାୟକ, "ଜଟଣୀ" ଶ୍ରୀ ସୁରେଶ କୁମାର ରାଉତରାୟ ବୈଠକରେ ଉପସ୍ଥିତ ମାନନୀୟା ମେୟର, କମିଶନର, ଅତିରିକ୍ତ କମିଶନର, ସମସ୍ତ ପ୍ରତିନିଧିଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, ୧୯୯୯ ମସିହା ମହାବାତ୍ୟାରେ ଯେଉଁଭଳି ବର୍ଷା ହୋଇଥିଲା ଚଳିତ ବର୍ଷ ସେହିଭଳି ବର୍ଷା ହେଲା । ବର୍ଷା ସମୟରେ ଭୁବନେଶ୍ୱର ମହାନଗର ନିଗମ ବଢ଼ିଆ କାମ କରିଅଛି । ଗଙ୍ଗୁଆ ନଦୀରୁ ମଶା ଜନ୍ମ ନେଉଛନ୍ତି, ରାଜ୍ୟ ସରକାର ପ୍ରଥମେ ତାକୁ ସଫା କରନ୍ତୁ, ଡ଼େଙ୍ଗୁ ଆଉ ହୁଅନ୍ତା ନାହିଁ । ଭୁବନେଶ୍ୱରରେ ଯେତିକି ଡ୍ରେନ୍ ଅଛି ସେଥିରୁ ୫୦% ଭୁବନେଶ୍ୱର ମହାନଗର ନିଗମର, ଆଉ ୫୦% ଅନ୍ୟାନ୍ୟ ବିଭାଗ ଦାୟିତ୍ୱରେ ଅଛି । ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଛକ ଜାଗାରେ ପରିଶ୍ରାଗାର କରାଯାଉ, ବିଶେଷ କରି କେଦାରଗୌରୀ ମନ୍ଦିର ନିକଟକୁ ବହୁ ଯାତ୍ରୀ ଆସୁଛନ୍ତି ସେଠାରେ ଗୋଟିଏ ପରିଶ୍ରାଗାର କରାଯାଉ ଏବଂ ଲିଙ୍ଗରାଜ ମନ୍ଦିରକୁ ବହୁ ଯାତ୍ରୀ ଆସୁଛନ୍ତି ସେମାନଙ୍କ ପାଇଁ ଗୋଟିଏ ଯାତ୍ରୀନିବାସ ତିଆରି କରାଯାଉ । "ମେ ଫେୟାର୍" ହୋଟେଲ୍ ନିକଟରେ ଏକ ଅଡ଼ିଟୋରିୟମ୍ ତିଆରି କର ସେଠାରୁ ମଧ ରାଜସ୍ୱ ଆଦାୟ ହେବ, ଆମର ମଧ କାର୍ଯ୍ୟରେ ଆସିବ । ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କୁ Special Problem Fund ରେ ଅର୍ଥ ଅନୁଦାନ ଦେବାପାଇଁ ଅନୁରୋଧ କରାଯାଉ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ ADUPHO ଭୁବନେଶ୍ୱର ମହାନଗର ନିଗମରେ ବୃଦ୍ଧି ପାଉଥିବା ଡ଼େଙ୍ଗୁ ରୋଗ ଉପରେ ଗୃହକୁ ଅବଗତ କରାଇ କହିଥିଲେ ଯେ, ଆମକୁ ଘର ଘର ପ୍ରୋଗ୍ରାମ ତ୍ୱରାନ୍ୱିତ କରିବାକୁ ପଡ଼ିବ ଏବଂ ଡ଼େଙ୍ଗୁ ରୋଗୀଙ୍କ ପାଇଁ ପୌର ଚିକିତ୍ସାଳୟରେ ୧୦ ଗୋଟି, ୟୁନିଟ୍-୪ UCHC ରେ ୧୦ ଗୋଟି, ପଟିଆ UCHC ରେ ୧୦ ଗୋଟି, ଢୁମୁଢୁମା UCHC ରେ ୧୦ ଗୋଟି ମୋଟ ୪୦ ଗୋଟି ବେଡ୍ ବିଭିନ୍ନ ହସ୍ପିଟାଲ୍‌ରେ ସ୍ଥାପନ କରାଯାଇଅଛି । ଆଲୋଚନାରେ ଭାଗ ନେଇ କର୍ପୋରେଟର ଶ୍ରୀ ଅମରେଶ ଜେନା କହିଥିଲେ ଯେ, ୱାର୍ଡ଼ରେ ଡ଼େଙ୍ଗୁ ବ୍ୟାପୁଅଛି, ତେଣୁ ୱାର୍ଡ଼କୁ ସଫା ରଖିବା ଆବଶ୍ୟକ । ଗ୍ରୀନ୍ ଗାର୍‌ବେଜ୍ ଏବଂ C & D Waste ବିନା ପଇସାରେ ଉଠାଇବା ଆବଶ୍ୟକ । ଏହା ଉପରେ ଆଲୋଚନା କରାଗଲା । ସହରକୁ ସଫା ରଖିବା ପାଇଁ ସେପ୍ଟେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବିନା ଫାଇନ୍‌ରେ ଗ୍ରୀନ୍ ଗାର୍‌ବେଜ୍ ଓ C & D Waste ଉଠାଇବା ଏବଂ ସେପ୍ଟେମ୍ବର ମାସ ପରେ ଯେଉଁମାନେ ଅଧିକ ଗ୍ରୀନ୍ ଗାର୍‌ବେଜ୍ ପକାଇବେ ସେମାନଙ୍କ ଠାରୁ ବହୁ ଅର୍ଥ ଆଦାୟ କରିବା ପାଇଁ SOP ତିଆରି କରିବା ଏବଂ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ କହିଥିଲେ ଯେ, ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ସ୍ୱଚ୍ଛସାଥି ମାନେ ଜନସାଧାରଣଙ୍କୁ OTP ମାଗୁଛନ୍ତି କିନ୍ତୁ OTP ଦେବାକୁ ଜନସାଧାରଣ ରାଜି ହେଉନାହାଁନ୍ତି, ତେଣୁ ଲୋକମାନଙ୍କୁ ସଚେତନ କରାଯାଉ । ଏହା ଉପରେ ଆଲୋଚନା କରାଯାଇ ଜନସାଧାରଣଙ୍କୁ ଗଣମାଧ୍ୟମରେ ସଚେତନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଅସିୟା ବେଗମ୍ କହିଥିଲେ ଯେ, ୟୁନିଟ୍-୩ ରେ କ୍ୱାଟର୍‌ରେ ରହୁଥିବା ଜଣେ ଷ୍ଟାଫ୍ ସଫା ଆପ୍‌ରେ ଅଳିଆ ଉଠାଇବା ପାଇଁ ଅଭିଯୋଗ କଲେ ଏବଂ ଅର୍ଥ ପଇଠ କରିବା ପରେ ତାଙ୍କର ଅଳିଆ ୨୧ ଦିନ ପରେ ସଫା ହେଲା । ଆମେ କହୁଛୁ ୨୪ ଘଂଟାରେ ସଫା ହେବ, କାହିଁକି ସଫା ହେଉନାହିଁ ବୋଲି ଜାଣିବାକୁ ଚାହିଁଥିଲେ । ଏହା ଉପରେ ସ୍ପଷ୍ଟିକରଣ ଦେଇ କମିଶନର କହିଥିଲେ ଯେ, ସଫା ଆପ୍‌ରେ ଯେଉଁମାନେ ଅଭିଯୋଗ କରିବେ ସେମାନଙ୍କର ଅଳିଆ ୨୪ ଘଂଟାରେ ସଫା ହେବ, ଯଦି ୨୪ ଘଂଟାରେ ସଫା ନହୁଏ ତେବେ ସେ ପଇଠ କରିଥିବା ଅର୍ଥ ଫେରସ୍ତ କରାଯିବ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ବିରଂଚି ନାରାୟଣ ମହାସୁପକାର କହିଥିଲେ ଯେ, ରାସ୍ତା କଡ଼ରେ ଯେଉଁ ଗଛ ଲାଗୁଅଛି ଟ୍ରୀ ଗାର୍ଡ଼ ଦିଆଯାଉ ନଚେତ୍ ସେଗୁଡ଼ିକ ଗୋରୁଗାଈ ଖାଇଯିବେ । ତାଙ୍କୁ କର୍ପୋରେଟର ଶ୍ରୀ ଅମରେଶ ଜେନା ଓ ଶ୍ରୀ ନୃପେଶ ନାୟକ ସମର୍ଥନ କରିଥିଲେ । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଗିତାଞ୍ଜଳୀ ସାହୁ କହିଥିଲେ, ଏବେ ବର୍ଷାଋତୁ ଚାଲିଛି, ସବୁଆଡ଼େ ଅଳିଆ ହେଉଅଛି । ପ୍ରତି ୱାର୍ଡ଼କୁ ତିନି ବସ୍ତା ଲେଖାଏଁ ବ୍ଲିଚିଂ ପାଉଡ଼ର ଦିଆଯାଉଅଛି, ତାହା ସବୁଆଡ଼େ ପକାଇବାକୁ ନିଅଂଟ ହେଉଅଛି । ଏହା ଉପରେ ଆଲୋଚନା କରାଗଲା । ବର୍ଷାଋତୁ ପର୍ଯ୍ୟନ୍ତ ପ୍ରତି ୱାର୍ଡ଼କୁ ୬ ବସ୍ତା ଲେଖାଏଁ ବ୍ଲିଚିଂ ପାଉଡ଼ର ଦେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ କୁମାରେନ୍ଦ୍ର ମହାପାତ୍ର କହିଥିଲେ ଯେ, ହକି ସମୟରେ ଭୁବନେଶ୍ୱର ମହାନଗର ନିଗମ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ମିଶି ରାସ୍ତା ସଫା କରିଥିଲେ । ରାସ୍ତାରେ ଯେଉଁମାନେ ବ୍ୟବସାୟ କରୁଥିଲେ ସେମାନଙ୍କୁ ଆମେ ଭେଣ୍ଡିଂଜୋନ୍ କରି ଦୋକାନ ଦେଇପାରିଲେ ନାହିଁ । ଏବେ ଯେଉଁଠାରେ ବାର୍ ଅଛି ସେଠାରେ ସନ୍ଧ୍ୟାରେ ସେ ରାସ୍ତା ଜାମ୍ ହେଉଅଛି । ରାସ୍ତାରେ ଯିବା ଆସିବା କରି ହେଉନାହିଁ । କେଉଁ କେଉଁ ବାର୍‌କୁ ଲାଇସେନ୍ସ ଦିଆଯାଇଅଛି ତାହାର ତଥ୍ୟ କର୍ପୋରେସନରେ ଉପସ୍ଥାପନ କରାଯିବା ଆବଶ୍ୟକ । ଯେଉଁ ମାନଙ୍କର ପାର୍କିଂ ବ୍ୟବସ୍ଥା ନାହିଁ ସେମାନଙ୍କର ଲାଇସେନ୍ସ ରଦ୍ଦ କରାଯିବା ଆବଶ୍ୟକ କାହିଁକି ରଦ୍ଦ ହେଉନାହିଁ ବୋଲି ଜାଣିବାକୁ ଚାହିଁଥିଲେ । ଏହା ଉପରେ ଆଲୋଚନା କରାଗଲା । ଯେଉଁ ବାର୍ ଗୁଡ଼ିକର ପାର୍କିଂ ବ୍ୟବସ୍ଥା ନାହିଁ ତାଙ୍କର ଲାଇସେନ୍ସ ରଦ୍ଦ କରିବା ଏବଂ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଥିବା ଯାନ ଗୁଡ଼ିକୁ ଟଇଙ୍ଗ ମେସିନ୍ ଦ୍ୱାରା ଉଠାଇ ଜୋରିମାନା ଆଦାୟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ଇତିଶ୍ରୀ ଦାସ କହିଥିଲେ ଯେ, ଲକ୍ଷ୍ମୀନାରାୟଣ ଭେଣ୍ଡିଂଜୋନ୍ ଦୀର୍ଘ ଦିନ ହେବ ବ୍ୟବସାୟ କରୁଛନ୍ତି ସେମାନଙ୍କୁ ଇଲେକ୍ଟ୍ରି ସଂଯୋଗ ନଦେବାରୁ ଜଣେ ବ୍ୟକ୍ତି ସେଠାକୁ ଇଲେକ୍ଟ୍ରି ଯୋଗାଇ ୟୁନିଟ୍ ପିଛା ଟ ୨୫/- ନେଉଛନ୍ତି । ତେଣୁ ସେଠାର ବ୍ୟବସାୟୀ ମାନେ ଶୋଷଣର ଶିକାର ହେଉଛନ୍ତି । ଏହା ଉପରେ ଆଲୋଚନା କରାଗଲା । ଉକ୍ତ ଭେଣ୍ଡିଂଜୋନ୍‌କୁ ଭୁବନେଶ୍ୱର ମହାନଗର ନିଗମ ଅଧିନକୁ ଆଣିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଦୀପକ କୁମାର ମିଶ୍ର କହିଥିଲେ ଯେ, ମଶା ତେଲ ଯେଉଁ ମେସିନ୍‌ରେ ମରାଯାଉଅଛି ତାହା ଖରାପ ହୋଇଗଲାଣି ତେଣୁ ବେଟେରି ଚାଳିତ ମେସିନ୍ କିଣାଯାଉ । ଏହା ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ମହାମାୟା ସ୍ୱାଇଁ କହିଥିଲେ ଯେ, କେତେକ ବସ୍ତିରେ SDA ମାନେ ତାଙ୍କର ନିଜର ଲୋକଙ୍କ ନାମରେ LRC ପାଇବା ପାଇଁ ତାଲିକା କରିଛନ୍ତି, ସେମାନଙ୍କ ବିରୁଦ୍ଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ? ଏହା ଉପରେ ଆଲୋଚନା କରାଗଲା । ଯେଉଁ SDA ମାନେ ଭୁଲ୍ କାମ କରିବେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୧. ଗତ ତା ୨୬.୦୭.୨୦୨୩ ରିଖ ନିଗମ ସାଧାରଣ ବୈଠକ ବିବରଣୀ ଦୃଢୀକରଣ :-

ନିର୍ଦ୍ଧାରଣ-୧. ଗତ ତା ୨୬.୦୭.୨୦୨୩ ରିଖ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତିକ୍ରମେ ଦୃଢୀକରଣ କରାଗଲା ।

**ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ ଓ ଉତ୍ତର:- (ତା ୨୩.୦୮.୨୦୨୩ ରିଖ)**

<u>ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା, ୱାର୍ଡ ନଂ-୩୮</u>

ପ୍ରଶ୍ନ-୨(୧). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ୱାର୍ଡକୁ କାର୍ଯ୍ୟ ଦେବାବେଳେ, ଜାଗା ସେହି ୱାର୍ଡ ସୀମାରେ ପଡୁଛି କି ଅନ୍ୟତ୍ର ୱାର୍ଡ଼କୁ କିଛି ମାଡୁଛି । ଏହି କାର୍ଯ୍ୟ ଦେବା ପୂର୍ବରୁ ନିର୍ଦ୍ଧାରଣ ହେବା ଦାୟିତ୍ୱ କାହାର ଏବଂ କାର୍ଯ୍ୟ ଅନ୍ୟତ୍ର ୱାର୍ଡ ସୀମାରେ ଯଦି କିଏ କରୁଛି ଆମେ ଜାଣିଲୁ ଆମେ କାହାକୁ ଜଣାଇବୁ ?

ଉତ୍ତର -୨(୧). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ୱାର୍ଡରେ ସମ୍ପାଦନ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ମ୍ୟାପ୍ ଅନୁଯାୟୀ କାର୍ଯ୍ୟ ହେଉଅଛି । ତେବେ ଆବଶ୍ୟକ ସ୍ଥଳେ ମଣ୍ଡଳ ଉପ-ଆୟୁକ୍ତ ଏବଂ ଉପ ଆୟୁକ୍ତ (ଭୂମି) ଙ୍କର ପରାମର୍ଶ ନେଇ କାର୍ଯ୍ୟ କରାଯାଉଅଛି ।

ପ୍ରଶ୍ନ-୨(୨). ଅଧା କାର୍ଯ୍ୟ କରିବା ପରେ ରିପୋର୍ଟ ଆସୁଛି ସେହି ଜାଗା ଅନ୍ୟ ୱାର୍ଡ଼ର ବୋଲି ପରବର୍ତୀ ପଦକ୍ଷେପ ମ୍ୟୁନିସିପାଲିଟି ତରଫରୁ କ'ଣ ହେବ ଏବଂ କର୍ପୋରେଟର ଅଭିଯୋଗ ଦେଲାପରେ ସେହି ଅଭିଯୋଗର କ'ଣ ଫୈସଲା ହେଲା ତାହାର ଲିଖିତ ଆକାରରେ କାହିଁକି ଦିଆଯାଉନାହିଁ କର୍ପୋରେଟରଙ୍କୁ ?

ଉତ୍ତର-୨(୨). ସମ୍ପୃକ୍ତ କାର୍ଯ୍ୟର କାର୍ଯ୍ୟାଦେଶ ଦେବାପରେ ଯଦି କାର୍ଯ୍ୟଟି ଅଗ୍ରଗତି ଅବସ୍ଥାରେ ଅଛି ଏବଂ ସେହି ସମୟରେ କର୍ପୋରେଟରଙ୍କ ଅଭିଯୋଗ ଅନୁସାରେ ଯଦି ସମ୍ପୃକ୍ତ ଜାଗାଟି ଅନ୍ୟ ୱାର୍ଡ଼ର ସୀମାରେ ଆସୁଅଛି, ତେବେ ଏ ପ୍ରକାର ବ୍ୟତିକ୍ରମକୁ ଆଗାମୀ ଦିନରେ ବିଶେଷ ଧ୍ୟାନ ଦିଆଯିବ ।

<u>ଶ୍ରୀ ଶିବ ପ୍ରସାଦ ବେହେରା, ୱାର୍ଡ ନଂ-୫୪</u>

ପ୍ରଶ୍ନ-୨(୩). ଭୁବନେଶ୍ୱର ମହାନଗର ନିଗମରେ ବହୁତ ଗୁଡ଼ିଏ ଜେସିବି, ଏକ୍ସକାଭାଟର, ଟ୍ରକ୍ ଭଡ଼ା ସୂତ୍ରରେ ଲାଗିଅଛି, କିନ୍ତୁ ସେଗୁଡ଼ିକ କେଉଁ ୱାର୍ଡ଼ରେ କେତେ ଦିନ କିମ୍ବା କେତେ ଘଂଟା କାମ କରୁଛନ୍ତି ତାହା ଜଣାପଡୁନାହିଁ । କେବଳ ପରିମଳ ନିରୀକ୍ଷକଙ୍କ ଦସ୍ତଖତରେ ତାଙ୍କର ବିଲ୍ ପଇଠ ହେଉଅଛି । ଜଣେ ଠିକା ସଂସ୍ଥା ଦ୍ୱାରା ନିଯୁକ୍ତ କର୍ମଚାରୀଙ୍କ ଦସ୍ତଖତରେ ବିଲ୍ ପଇଠ ହେଉଥିବାରୁ ତାହା ଠିକ୍ ହେଉନାହିଁ, ତେଣୁ ଉପରୋକ୍ତ ଗାଡ଼ି କେଉଁ ୱାର୍ଡ଼ରେ କେତେ ଘଂଟା କାର୍ଯ୍ୟ କରିଅଛି ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କ ଠାରୁ ଲିଖିତ ଭାବେ ଆଣିଲେ ବିଲ୍ ପଇଠ କରିବା ପାଇଁ ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ଓ କର୍ପୋରେସନ ନିଷ୍ପତି ନେଇଥିଲେ ଏହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଗୃହରେ ଉପସ୍ଥାପନା କରିବେ କି ?

ଉତ୍ତର-୨(୩). ଜୋନାଲ୍ ଡ଼େପୁଟି କମିଶନରଙ୍କ requisition କ୍ରମେ ଜୋନ୍ ର ପ୍ରତ୍ୟେକ ୱାର୍ଡ଼ର ସଫେଇ କାର୍ଯ୍ୟ ନିମନ୍ତେ ଆବଶ୍ୟକତା ଏବଂ Competent Authority ଙ୍କ ଅନୁମୋଦନ ଅନୁଯାୟୀ ଭେଇକିଲ୍ ବିଭାଗ ଦ୍ୱାରା ଭେଇକିଲ୍ ଏବଂ Machineries ଯୋଗାଇ ଦିଆଯାଉଅଛି । ଜୋନାଲ୍ ଡ଼େପୁଟି କମିଶନରଙ୍କ ତତ୍ତ୍ୱାବଧାନରେ

ନିଜର ପ୍ଲାନ୍ ଏବଂ ପ୍ରୋଗ୍ରାମ୍ ଅନୁଯାୟୀ ଏହି ଗାଡ଼ି ଏବଂ Machineries ଗୁଡ଼ିକ Junoir Sanitation Expert ଏବଂ Sanitary Inspector ତଦାରଖ କରି ବିଭିନ୍ନ ୱାର୍ଡ଼ରେ କାର୍ଯ୍ୟ କରୁଛନ୍ତି । କାର୍ଯ୍ୟର ପରିମାଣ ଏବଂ ସମୟ ନିର୍ଘଂଟ ସମ୍ପୃକ୍ତ Junoir Sanitation Expert ଏବଂ Sanitary Inspector ଙ୍କ ଦସ୍ତଖତ ହେବାପରେ ଜୋନାଲ୍ ଡ଼େପୁଟି କମିଶନରଙ୍କ ଅନୁମୋଦନ କ୍ରମେ ବିଲ୍ ପଇଠ ହେଉଅଛି ।

ଶ୍ରୀ ରଶ୍ମିରଞ୍ଜନ ପାଇଶାଣୀ, ୱାର୍ଡ଼ ନଂ-୬୫

ପ୍ରଶ୍ନ-୨(୪). ମୋ ୱାର୍ଡ଼-୬୫ ରେ ଥିବା ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ (ମଲ/ହୋଟେଲ୍) ଏବଂ ଆବାସିକ ଗୃହ ଗୁଡ଼ିକର କେତେ ପରିମାଣର ହୋଲ୍ଡ଼ିଂ ଟ୍ୟାକ୍ସ ବକେୟା ଅଛି ଜଣାଇବେ କି ? ଟ୍ୟାକ୍ସ ବକେୟା ଥିବା ବ୍ୟବସାୟ ପ୍ରତିଷ୍ଠାନ ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

ଉତ୍ତର-୨(୪). ୱାର୍ଡ଼ ନଂ-୬୫ ରେ ଥିବା ଅଧିକାଂଶ ଆବାସିକ ମଲ୍ ଓ ହୋଟେଲ୍ ଗୁଡ଼ିକୁ ଟିକସ ଅନ୍ତର୍ଭୁକ୍ତ କରାଯାଇଅଛି । ସେଥି ମଧ୍ୟରୁ M/s. Life line Multi Ventures Pvt. Ltd. MD Jagdish Prasad Naik (D.N Regallia) ଙ୍କର ଟ ୫,୭୨,୯୯,୫୪୪/- ବକେୟା ଅଛି ଏବଂ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ଏକ ମାମଲା ବିଗ୍ରହଧିନ ଅଛି ।

ପ୍ରଶ୍ନ-୨(୫). ମୋ ୱାର୍ଡ଼-୬୫ ରେ ଥିବା ହୋଟେଲ୍ "VIVANTA" ର ପାର୍କିଂ ସୁବିଧା ନଥିବାରୁ ଏବଂ ଏହାର ସମସ୍ତ ପ୍ରୋଗ୍ରାମ ଯୋଗୁଁ ନିକଟସ୍ଥ ସମସ୍ତ ରାସ୍ତା, ଘର ସାମ୍ନାରେ ଗାଡ଼ି ଗୁଡ଼ିକ ପାର୍କିଂ ହେଉଅଛି । ଫଳରେ ଆବାସିକ ଗୃହର ଲୋକମାନେ ଏବଂ ଆଖପାଖରେ ଥିବା ବିଭିନ୍ନ ବିଦ୍ୟାଳୟର ଗାଡ଼ି ଗୁଡ଼ିକ ଯାତାୟତରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହାର କି ପ୍ରକାର ବନ୍ଦୋବସ୍ତ କରାଯାଇପାରିବ ତାହା ଜଣାନ୍ତୁ ?

ଉତ୍ତର-୨(୫). ୱାର୍ଡ଼-୬୫ ରେ ଥିବା ହୋଟେଲ୍ "VIVANTA" ଟି ଡ଼ି.ଏନ୍. ରେଗାଲିଆ ପରିସରରେ ଅନ୍ତର୍ଭୁକ୍ତ ଥିବାରୁ ସେ ତା'ର ନିଜସ୍ୱ ଜାଗାରେ ପାର୍କିଂ ସୁବିଧା କରିବା ପାଇଁ ବିହିତ ପଦକ୍ଷେପ ନେଉଅଛନ୍ତି । ଯଦି ଉକ୍ତ ପାର୍କିଂସ୍ଥଳ ଟିକୁ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ନକରନ୍ତି, ତେବେ ଉକ୍ତ ଅନୁଷ୍ଠାନ ଉପରେ ପୌର ଆଇନ୍ ଅନୁସାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସଭାପତିଙ୍କ ଅନୁମତି କ୍ରମେ ପ୍ରଶ୍ନକର୍ତ୍ତା କହିଥିଲେ ଯେ, ଉକ୍ତ ହୋଟେଲ୍ ନିକଟରେ ରାସ୍ତା ଉପରେ ଗାଡ଼ି ରହୁଥିବାରୁ ଜନସାଧାରଣ ଯାତାୟତରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ? ହୋଟେଲ୍ ମାଲିକ ତାଙ୍କର ପାର୍କିଂ ବ୍ୟବସ୍ଥା ନକଲେ ଓ ତାଙ୍କ ହୋଟେଲ୍ ନିକଟସ୍ଥ ରାସ୍ତାରେ ଗାଡ଼ି ରହିଲେ ଡ଼େପୁଟି କମିଶନର ପୋଲିସ୍ (ଟ୍ରାଫିକ୍) ଙ୍କୁ ଲେଖାଯିବ ଏବଂ ଯେଉଁମାନଙ୍କର ପାର୍କିଂ ବ୍ୟବସ୍ଥା ନଥିବ ତାଙ୍କ ଗୃହର ପ୍ଲାନ୍ ଅନୁମୋଦନ ନକରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ଼ ନଂ-୫୫

ପ୍ରଶ୍ନ-୨(୬). ସଭାପତି ମହୋଦୟା ଗତ ଜୁନ୍ ମାସ କର୍ପୋରେସନ ବୈଠକରେ Street light ବାବଦରେ ପ୍ରଶ୍ନ ୨(୯) ରେ ଯେଉଁସବୁ ପ୍ରଶ୍ନ କରିଥିଲି ପ୍ରଥମତଃ ତା'ର ସଠିକ୍ ଉତ୍ତର ମିଳିନଥିଲା, ଦ୍ୱିତୀୟତଃ କମିଶନର ମହୋଦୟ ସେ ସମସ୍ତ ସମସ୍ୟାର ସମାଧାନ ତୁରନ୍ତ କରାଯିବ ବୋଲି କହିଥିଲେ । ତାହାଛଡ଼ା ଗତ ମେ ମାସ ୨୦୨୩ ରେ ବୈଠକରେ ଏହି Street light operation & maintenance ବାବଦରେ Energy Auditor ନରଖି କିଭଳି ଦୈନନ୍ଦିନ ରିପୋର୍ଟ ଏବଂ ଏଗ୍ରିମେଂଟର ଚୁକ୍ତି ଅନୁଯାୟୀ bill/penalty କିଭଳି ସ୍ଥିର କରାଯାଉଛି ପ୍ରଶ୍ନରେ କମିଶନର ମହୋଦୟ ସେ ବାବଦରେ ମଧ୍ୟ ୭ ଦିନ ଭିତରେ Energy Auditor ନିଯୁକ୍ତି ପ୍ରକ୍ରିୟା କରିବେ ବୋଲି ନିଷ୍ପତି ଶୁଣାଇଥିଲେ ଯାହାକି ଆଜି ପର୍ଯ୍ୟନ୍ତ ହେଲା କି ନାହିଁ ସେ ବାବଦରେ କୌଣସି ଖବର ପାଇଲୁ ନାହିଁ । ଏଣୁ ମୋର ବିନୀତ ଅନୁରୋଧ ଉପରୋକ୍ତ ସମସ୍ତ ସମସ୍ୟାର କ'ଣ କ'ଣ ସମାଧାନ କରାଯାଇଛି ତାହାର ସମ୍ପୂର୍ଣ୍ଣ ବିବରଣୀ ଗୃହରେ ରଖିବେ କି ?

ଉତ୍ତର-୨(୬). Street light operation & maintenance ବାବଦରେ Energy Auditor ନିଯୁକ୍ତି ସଂକ୍ରାନ୍ତରେ ତା ୧୯.୦୮.୨୦୨୩ ରିଖରେ ଟେଣ୍ଡର ଆହ୍ୱାନ କରାଯାଇଅଛି ଏବଂ ଟେଣ୍ଡର ଖୋଲିବା ପାଇଁ ତା ୧୫.୦୯.୨୦୨୩ ରିଖ ଧାର୍ଯ୍ୟ ରଖାଯାଇଅଛି ।

ପ୍ରଶ୍ନ-୨(୭). ସଭାପତି ମହୋଦୟା ଗତ କର୍ପୋରେସନ ବୈଠକରେ ପ୍ରଶ୍ନ ୨(୧୪) ରେ ମୁଁ ଯେଉଁ ତଥ୍ୟ ମାଗିଥିଲି ତାହାର କୌଣସି ଉତ୍ତର କର୍ପୋରେସନ ଦେଇପାରିନଥିଲା । ଏଥିରେ କମିଶନର ମହୋଦୟ ବିରକ୍ତି ପ୍ରକାଶ କରି କହିଥିଲେ "ଯଦି ଆପଣ ମାନେ ପ୍ରଶ୍ନର ଉତ୍ତର ବା ପ୍ରଶ୍ନ ବୁଝିପାରୁନାହାଁନ୍ତି ତେବେ Senior Officer ଙ୍କୁ ଯୋଗାଯୋଗ କରନ୍ତୁ ବା ପ୍ରଶ୍ନକର୍ତା କର୍ପୋରେଟରଙ୍କୁ ଅଫିସ୍ କୁ invite କରି ପ୍ରଶ୍ନ ବାବଦରେ clear ହୋଇ ଉତ୍ତର ଦିଅନ୍ତୁ । ଭୁଲ୍ ଉତ୍ତର ଦେଲେ ମୁଁ action ନେବି" । କିନ୍ତୁ ଦୁର୍ଭାଗ୍ୟର ବିଷୟ Final Corporation Resolution Copy ରେ କମିଶନର ମହୋଦୟଙ୍କର ଉପରୋକ୍ତ ନିର୍ଦ୍ଦେଶନାମା ଛପାଗଲା ନାହିଁ । ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ବାର-ବାର ଏହି କୁଠାରଘାତ କେତେ ଦୂର ଗ୍ରହଣୀୟ ଉତ୍ତର ରଖିବେ କି ?

ଉତ୍ତର-୨(୭). କର୍ପୋରେଟର ମହୋଦୟଙ୍କର ପ୍ରଶ୍ନର ଉତ୍ତରରେ କମିଶନର ଦେଇଥିବା Executive ଆଦେଶ ସମସ୍ତେ ହୃଦୟଙ୍ଗମ କଲେ ଏବଂ କର୍ପୋରେଟର ମହୋଦୟଙ୍କର ଅବଶିଷ୍ଟ ଉତ୍ତର କାର୍ଯ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଅଛି ।

ଶ୍ରୀ ଅପରୂପ ନାରାୟଣ ରାଉତ, ୱାର୍ଡ ନଂ-୨୯

ପ୍ରଶ୍ନ-୨(୮). ଭୁବନେଶ୍ୱର ମହାନଗର ନିଗମ ଅଧିନରେ କେତୋଟି ବ୍ୟାଙ୍କରେ କେତୋଟି ବ୍ୟାଙ୍କ ଖାତା ଅଛି ଏବଂ ସେ ଖାତା ଗୁଡ଼ିକରେ କେତେ ଟଙ୍କା ଅଛି ତା ମଧ୍ୟରୁ କେତୋଟି ଦରକାରୀ, ଅଦରକାରୀ ଖାତା ଅଛି ତାର ସମ୍ପୂର୍ଣ୍ଣ ତଥ୍ୟ ସଭାପତି ମହୋଦୟା ଗୃହକୁ ଜଣାଇବେ କି ?

ଉତ୍ତର-୨(୮). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ୧୦ ଟି ବ୍ୟାଙ୍କର ବିଭିନ୍ନ ଶାଖାରେ ସମୁଦାୟ ୮୪ ଟି ବ୍ୟାଙ୍କ ଖାତା ଅଛି ଓ ଏଥି ମଧ୍ୟରୁ ୧୧ ଟି ଖାତା ଅଚଳ ଓ ୭୩ ଟି ଖାତା ଚାଲୁଅଛି ।

ପ୍ରଶ୍ନ-୨(୯). 'TEAM SHINE' ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ, କିନ୍ତୁ ଏ ପଦକ୍ଷେପ ନେବା ଆଗରୁ କର୍ପୋରେସନରେ ଆଲୋଚନା କରିବା କ'ଣ ଦରକାର ନଥିଲା କି ? ଆଉ ଆମର ଅଫିସ୍‌ରେ ଏ ପ୍ରୋଗ୍ରାମର Introduce ହବ ହେଲେ ଆମ କର୍ପୋରେଟର ମାନଙ୍କୁ ଜଣା ହବନି ? ସଭାପତି ମହୋଦୟା ଗୃହକୁ ଜଣାଇବେ କି ଏହି ନିଷ୍ପତି କିଏ ନେଉଛି ନା କର୍ପୋରେଟରଙ୍କୁ ନୀଚା ଦେଖାଇବାକୁ ଆପଣ ଚାହୁଁଛନ୍ତି ?

ଉତ୍ତର-୨(୯). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ସଫେଇ କାର୍ଯ୍ୟର ମାନ ବୃଦ୍ଧି କରିବା ପାଇଁ Multi purpose Decentralised Enforcement squad ର ଗଠନ କରାଯାଇଛି । ଏହି Enforcement squad ଦ୍ୱାରା ପରିମଳ ଏବଂ ଭୁବନେଶ୍ୱର ସୌନ୍ଦର୍ଯ୍ୟକୁ ବାଧାପ୍ରାପ୍ତ କରୁଥିବା C & D dumping, littering, Market enforcement, violation of TPW (Tree, Poll, Wall) cleaning, 5 meter radius ସଫେଇ ଇତ୍ୟାଦି ପ୍ରତି ଜୋନ୍ ମାଧ୍ୟମରେ enforcement କରାଯାଉଅଛି । ଏହି Multipurpose Decentralised Enforcement squad ମାନନୀୟା ମେୟର ମହୋଦୟାଙ୍କ ତା ୦୧.୦୩.୨୦୨୩ ରିଖ ଅନୁମୋଦନ କ୍ରମେ ଏହି enforcement କାର୍ଯ୍ୟ କରାଯାଉଅଛି, ଯାହାକି "SHINE" (Sanitation and Hygiene Inspection For Neat Environment) ନାମରେ ନାମିତ କରାଯାଇ ତା ୧୩.୦୮.୨୦୨୩ ରିଖରେ ଏହାର launching ଭୁବନେଶ୍ୱର ମହାନଗର ନିଗମର ମାନନୀୟା ମେୟର ମହୋଦୟା, ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଚେୟାରପର୍ସନ୍ ଏବଂ ସମ୍ମାନନୀୟ ଅତିଥିଙ୍କ ଗହଣରେ କରାଯାଇଅଛି ଏବଂ ଏହାର କର୍ପୋରେସନ ଦ୍ୱାରା Post Facto ଅନୁମୋଦନ ପାଇଁ ନଥି ଉପସ୍ଥାପନ କରାଯାଇଅଛି ।

ଶ୍ରୀମତୀ ପିଙ୍କି ସ୍ୱାଇଁ, ୱାର୍ଡ ନଂ-୧୫

ପ୍ରଶ୍ନ-୨(୧୦). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ରେ ଅବସ୍ଥିତ UPHC କୁ ସ୍କିନ୍ ସ୍ପେସିଆଲିଷ୍ଟ୍, ପେଡ଼ିଏଟ୍ରିକ୍ ଡ଼କ୍ଟର୍, ଫିଜିଓଥେରାପିଷ୍ଟ୍ ଆସୁନଥିବାରୁ ଅଂଚଳବାସୀ ଜରୁରୀ ସେବାରୁ ବଂଚିତ ରହୁଛନ୍ତି ଏବଂ ନିୟମିତ ଭାବେ ମେଡ଼ିକାଲ୍ ଅଫିସର୍ ମଧ ଆସୁନାହାଁନ୍ତି । ଜଣେ ସାଧାରଣ ଡ଼କ୍ଟର୍ ଆସୁଛନ୍ତି ତାଙ୍କର ବୟସ ୬୭+ ବର୍ଷ ହୋଇଥିବାରୁ ସେ ଠିକ୍ ଭାବେ ରୋଗୀ ମାନଙ୍କୁ ସେବା ଯୋଗାଇ ପାରୁନାହାଁନ୍ତି । ଗୋଟିଏ UPHC କୁ ଏହିଭଳି ଅବହେଳିତ ଭାବେ କାହିଁକି ରଖାଯାଇଅଛି ଗୃହକୁ ଜଣାଇବେ କି ?

ଉତ୍ତର-୨(୧୦). ଡ଼ାକ୍ତର ଅଭାବ ଯୋଗୁଁ ବରମୁଣ୍ଡା ହେଂଟାଲ୍ କଲୋନୀରେ ଥିବା UHWC ରେ ପ୍ରତି ସୋମବାର ଦିନ ସ୍ତ୍ରୀ ରୋଗ, ପ୍ରତି ଶନିବାର ଦିନ ଆଖି, ନାକ, ଗଳା, ପ୍ରତିଦିନ ଫିଜିଓଥେରାପି ଏବଂ ଯୋଗ ଡ଼ାକ୍ତର ଆସୁଛନ୍ତି । ଜଣେ ଅବସର ପ୍ରାପ୍ତ ମେଡ଼ିକାଲ୍ ଅଫିସର ଶ୍ରୀ ରଜନିକାନ୍ତ ଦାଶ ପ୍ରତିଦିନ ଆସୁଛନ୍ତି ଯିଏ କି ସେପ୍ଟେମ୍ବର-୨୦୨୨ ରେ ୬୬ ବର୍ଷ ୫ ମାସରେ Govt. Guideline ଅନୁଯାୟୀ କଂଟ୍ରାକ୍ଟୁଆଲ୍ ନିଯୁକ୍ତି ପାଇଛନ୍ତି ।

ପ୍ରଶ୍ନ-୨(୧୧). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମୋ ୱାର୍ଡ଼ର ୱାର୍ଡ଼ ଅଫିସ୍ ପାଇଁ ଜାଗା ସ୍ଥିର ହୋଇଥିଲେ ମଧ ଏପର୍ଯ୍ୟନ୍ତ ଜବରଦଖଲ ହଟାଯାଉନାହିଁ କାହିଁକି ଏବଂ କେବେ ୱାର୍ଡ଼ ଅଫିସ୍ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ଗୃହକୁ ଜଣାଇବେ କି ?

ଉତ୍ତର-୨(୧୧). ଭୁବନେଶ୍ୱର ମହାନଗର ନିଗମ ଅଧିନ ୱାର୍ଡ଼ ନଂ-୧୫ ର ୱାର୍ଡ଼ ଅଫିସ୍ ପାଇଁ ଜାଗା ସ୍ଥିର ହୋଇଅଛି, କିନ୍ତୁ ସମ୍ପୃକ୍ତ ଜାଗାରେ ଜବରଦଖଲ ଥିବାରୁ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ । ଖୁବ୍ ଶୀଘ୍ର ସମ୍ପୃକ୍ତ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇ ଗୃହ କାର୍ଯ୍ୟ ଆରମ୍ଭ କରାଯିବ ।

<u>ଶ୍ରୀମତୀ ଗୀତାଞ୍ଜଳି ସାହୁ, ୱାର୍ଡ଼ ନଂ-୩୯</u>

ପ୍ରଶ୍ନ-୨(୧୨). ମୋର ମୁକ୍ତା ଯୋଜନା ମାଧ୍ୟମରେ ଦିଆଯାଇଥିବା କାମ ଗୁଡ଼ିକ ମଧ୍ୟରୁ ଅନେକ ଗୁଡ଼ିଏ କାମ କାଟି ଦିଆଯାଇଥିଲା କିନ୍ତୁ ମୁଁ ଏହି କର୍ପୋରେସନ ବୈଠକରେ ଅଭିଯୋଗ କଲାପରେ ସେହି କାମ ଗୁଡ଼ିକୁ ପୁନର୍ବାର Approve କରାଯିବ ବୋଲି କୁହାଯାଇଥିଲା ତେଣୁ ଏ ପର୍ଯ୍ୟନ୍ତ ସେ କାମ ଗୁଡ଼ିକ କାହିଁକି ପୁନର୍ବାର Approve କରାଯାଇନାହିଁ ଦୟାକରି ଗୃହକୁ ଜଣାଇବେ କି ?

ଉତ୍ତର-୨(୧୨). କର୍ପୋରେଟର ମହୋଦୟା ପୂର୍ବରୁ ଦିଆଯାଇଥିବା ପ୍ରସ୍ତାବର ଉତର ଅନୁଯାୟୀ, PWD ରେ କାର୍ଯ୍ୟରତ Colleague Engineer ମାନଙ୍କ ସହିତ ଯୋଗାଯୋଗ କରାଯାଇଥିଲା । ନିଷ୍ପତି ଅନୁସାରେ joint inspection କରି ପ୍ରକଳ୍ପ ଗୁଡ଼ିକୁ ମୁକ୍ତା ଯୋଜନାରେ କାର୍ଯ୍ୟକ୍ଷମ କରିବା ପାଇଁ field feasiable report ପ୍ରସ୍ତୁତ ଶେଷ ହେବା ପର୍ଯ୍ୟାୟରେ ଅଛି, ଏଣୁ ସମସ୍ତ ପ୍ରକଳ୍ପର ପ୍ରସ୍ତାବ ସରକାରଙ୍କ ଅନୁମୋଦନ ପାଇଁ ଆସନ୍ତା ୧୦ ଦିନ ମଧ୍ୟରେ ପ୍ରେରଣ କରାଯିବ ।

ପ୍ରଶ୍ନ-୨(୧୩). ମହାଶୟା ରାସ୍ତା କିମ୍ବା ଡ୍ରେନ୍ ପାଇଁ ଆପଣଙ୍କୁ ଲିଖିତ ଆକାରରେ ଅନୁରୋଧ କଲାପରେ ତାହା କେତେ ଦିନ ଭିତରେ ତଦାରଖ କରି ଟେଣ୍ଡର କରାଯାଏ ତାହାର ସମୟସୀମା କେତେ ଦିନ ଭିତରେ ରହିବା କଥା ତାହା ଗୃହକୁ ଜଣାଇବେ କି ?

ଉତ୍ତର-୨(୧୩). ଭୁବନେଶ୍ୱର ମହାନଗର ନିଗମ ଅଧିନ ଯେକୌଣସି କାର୍ଯ୍ୟ ନିମନ୍ତେ ସମ୍ପୃକ୍ତ ୱାର୍ଡ଼ର କର୍ପୋରେଟରଙ୍କ ଠାରୁ ସୂଚନା ପାଇବା ପରେ ୱାର୍ଡ଼ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଦ୍ୱାରା ତଦାରଖ କରି ଓ ଗୁରୁତ୍ୱକୁ ଉପଲବ୍ଧି କରି ଆବଶ୍ୟକ ଅନୁମୋଦନ ପରେ ନିବିଦା ଆହ୍ୱାନ କରାଯାଇଥାଏ ।

<u>ଶ୍ରୀମତୀ କବିତା ସ୍ୱାଇଁ, ୱାର୍ଡ଼ ନଂ-୪୧</u>

ପ୍ରଶ୍ନ-୨(୧୪). ସଭାପତି ମହୋଦୟା ଅନୁଗ୍ରହ କରି କହିବେ କି, ଶ୍ରୀୟା ଟକିଜ୍ ଛକ ଠାରୁ ରାଜମହଲ ଛକ ପର୍ଯ୍ୟନ୍ତ ପାର୍କିଂ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ସେହି ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରି ପୂର୍ବଭଳି ସେହି ନିର୍ଦ୍ଦିଷ୍ଟ କିନ୍ନର ମାନଙ୍କୁ ପାର୍କିଂ ଫି ଆଦାୟ କରିବାର ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ବିଷୟରେ ମୌଖିକ ଭାବେ ଗୃହକୁ ଜଣାଇଥିଲେ । ଏଠାରେ ପ୍ରଶ୍ନ ଉଠେ, ଯଦି ସରକାର/ ମହାନଗର ନିଗମ କିନ୍ନର ମାନଙ୍କୁ ପାର୍କିଂ ଫି ଆଦାୟ ଭଳି କାର୍ଯ୍ୟ ନ୍ୟସ୍ତ କରି ପ୍ରୋତ୍ସାହିତ କରିବାକୁ ଇଚ୍ଛୁକ, ତେବେ କେବଳ ସେହି ନିର୍ଦ୍ଦିଷ୍ଟ କିନ୍ନର ଗୋଷ୍ଠୀଙ୍କ ପ୍ରତି ସଦୟ ହେବାର କାରଣ କ'ଣ ? ଅନ୍ୟ କିନ୍ନର ଗୋଷ୍ଠୀ ମାନଙ୍କୁ ମଧ ଏହି କାର୍ଯ୍ୟରେ ସାମିଲ କରାଯିବା ଉଚିତ୍ । ମାତ୍ର ତାହା ନକରି ଯେଉଁ ନିର୍ଦ୍ଦିଷ୍ଟ କିନ୍ନର ଗୋଷ୍ଠୀଙ୍କୁ ପୂର୍ବରୁ ପାର୍କିଂ ଫି ଆଦାୟର ଦାୟିତ୍ୱ ଦିଆଯାଇଥିଲା, ଏବେ ଟେଣ୍ଡରର ସମୟସୀମା ଅତିକ୍ରାନ୍ତ ହୋଇଥିଲେ ମଧ ପୁନଶ୍ଚ ସେମାନଙ୍କର ଟେଣ୍ଡର ଅବଧି ବଢାଇ ଅନ୍ୟ କିନ୍ନର ମାନଙ୍କୁ ଉପେକ୍ଷିତ କରିଥିବାରୁ ଏହି ସୁବିଧାରୁ ବଂଚିତ ଉପେକ୍ଷିତ କିନ୍ନର ମାନେ ଖୋଲାଖୋଲି ବିଦ୍ରୋହ

ଆରମ୍ଭ କରିଦେଲେଣି । ବି.ଏମ୍.ସି ର ଏହି ମନମୁଖୀ କାର୍ଯ୍ୟକୁ ବାତିଲ କରି ଶୀଘ୍ର ଟେଣ୍ଡର ନକରାଗଲେ ଅନ୍ୟ କିନ୍ନର ଗୋଷ୍ଠୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଧ୍ୟ ଧମକ ଦେଲେଣି । ଯାହାକି ମହାନଗର ନିଗମ ପାଇଁ ଶୁଭଙ୍କର ନୁହେଁ । ତେଣୁ ଯଥାଶୀଘ୍ର ଶ୍ରୀୟା ଟକିଜ୍ ଛକ ଠାରୁ ରାଜମହଲ ଛକ ପର୍ଯ୍ୟନ୍ତ ପାର୍କିଂ ପାଇଁ ନୂତନ ଟେଣ୍ଡର ଆହ୍ୱାନ କରିବେ କି ?

ଏଠାରେ ପୁନଃ ଉଲ୍ଲେଖ କରାଯାଉଛି ଯେ, ଟେଣ୍ଡର ପାଇଥିବା କିନ୍ନର ଗୋଷ୍ଠୀ ପାର୍କିଂ ଫି ଆଦାୟ କାମରେ ନିଜକୁ ନିୟୋଜିତ ନକରି ଅନ୍ୟମାନଙ୍କ ଦ୍ୱାରା ଫି ଆଦାୟ କରୁଛନ୍ତି ଏବଂ ପୂର୍ବଭଳି ଛକ ସ୍ଥାନ ମାନଙ୍କରେ ଗାଡ଼ି ଚାଳକ ମାନଙ୍କ ଠାରୁ ପଇସା ଆଦାୟ କରୁଛନ୍ତି । ତେଣୁ କିନ୍ନର ଗୋଷ୍ଠୀଙ୍କୁ ଟେଣ୍ଡର ଦେବାରେ ମହାନଗର ନିଗମ/ ସରକାର କି ସୁଫଳ ଲାଭ କରିଛନ୍ତି । ଏଣୁ କିନ୍ନର ଗୋଷ୍ଠୀଙ୍କୁ ଏତାଦୃଶ କାର୍ଯ୍ୟରୁ ବାରଣ କରିବା ସହ ସେମାନେ ନିଜେ ପାର୍କିଂ ଫି ଆଦାୟ କରିବାକୁ ନିର୍ଦ୍ଦେଶ ଦେବା ସହ ଟେଣ୍ଡର ଅବଧି ନବଢାଇବାକୁ ଉପଯୁକ୍ତ ପଦକ୍ଷେପ ନେବେ କି ?

ମହୋଦୟା, ଏକଥା ଆଗରୁ ଅବଗତ କରିଛି ଯେ, କିନ୍ନର ଗୋଷ୍ଠୀର ସଦସ୍ୟା ମାନେ (ଟେଣ୍ଡର ପାଇଥିବା ଗୋଷ୍ଠୀ) ପାର୍କିଂ ଫି ଆଦାୟ କାର୍ଯ୍ୟରୁ ନିଜକୁ ନିବୃତ ରଖି ଶ୍ରୀୟା ଟକିଜ୍ ଛକ ଠାରୁ ରାଜମହଲ ଛକ ମଧ୍ୟରେ ଥିବା ସ୍ଥାୟୀ ଦୋକାନୀ ମାନଙ୍କ ଠାରୁ ଜୋର ଜବରଦସ୍ତ ଚାନ୍ଦା ଆଦାୟ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । କୌଣସି ବ୍ୟବସାୟୀ ଏଭଳି କାର୍ଯ୍ୟକୁ ବିରୋଧ କଲେ ସେମାନଙ୍କୁ ଦୁର୍ବ୍ୟବହାର ସହ ସେଠାରେ ଅସ୍ୱାଭାବିକ ପରିସ୍ଥିତି/ ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି ଫଳରେ ବ୍ୟବସାୟୀ ମହଲରେ ଅତ୍ୟନ୍ତ ଅସନ୍ତୋଷ ବ୍ୟାପୁଛି । ସେମାନେ ବାରମ୍ବାର ମୋ ନିକଟରେ ଅଭିଯୋଗ କରୁଛନ୍ତି ତେଣୁ ସେହି କିନ୍ନର ଗୋଷ୍ଠୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

ଏଣୁ ଅନୁରୋଧ କରେ କି, ଆପଣ ପୂର୍ବ ଟେଣ୍ଡର ସମୟସୀମା ବର୍ଦ୍ଧିତ ନକରି ନୂତନ ଟେଣ୍ଡର ଆହ୍ୱାନ କରନ୍ତୁ ଏବଂ ମହାନଗର ନିଗମ/ ସରକାରଙ୍କ ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଅନ୍ୟ କିନ୍ନର ଗୋଷ୍ଠୀଙ୍କୁ ସାମିଲ କରନ୍ତୁ ।

ଉତ୍ତର-୨(୧୪). ଭୁବନେଶ୍ୱର ମହାନଗର ନିଗମରେ ବିଭିନ୍ନ ସ୍ଥାନରେ ପାର୍କିଂ ପାଇଁ ଟେଣ୍ଡର ଡ଼କା ଯାଉଅଛି । ସ୍ମାର୍ଟସିଟିରେ ଜନପଥ ନିର୍ମାଣ କରାଗଲା ପରେ ସମାଜର ଆର୍ଥିକ ଅବହେଳିତ ଏବଂ ଅନ୍ୟୁନ ବର୍ଗକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବା ପାଇଁ ଓଡ଼ିଶା ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଚିଠି ନଂ- ୭୮୯୫ ତା ୨୦.୧୧.୨୦୨୦ ରିଖ ଆଧାରରେ ପାଇଲଟ ପ୍ରବେଶ ପାଇଁ ଟି.ଜି. ସ୍ୱୀକୃତିକୁ ତା ୨୨.୦୪.୨୦୨୧ ରିଖରୁ ନିର୍ଦ୍ଧାରିତ ଦେୟ ଦେଇ ପାର୍କିଂ ଫି ଆଦାୟ କରିବା ପାଇଁ ଅନୁମତି ଦିଆଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ତାହା ବର୍ଦ୍ଧିତ କରାଯାଇଅଛି । ବର୍ତ୍ତମାନ RFP No.- ୩୩୨୮୩ ତା ୧୪.୦୭.୨୦୨୩ ରିଖରେ ତାହା ଟେଣ୍ଡର ପ୍ରକ୍ରିୟାରେ ସାମିଲ କରାଯାଇଥିଲା କିନ୍ତୁ ଉକ୍ତ ଟି.ଜି ଗ୍ରୁପ୍ ରୁ ତାହା କାଟି ନିଆଗଲେ ସେମାନେ ବିଭିନ୍ନ ପ୍ରକାର ସାମାଜିକ ଓ ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇ କ୍ଷୁଧା ଜନିତ ସମସ୍ୟାର ସମ୍ମୁଖୀନ ହେବାର ଭୟ ଥିବା ଦର୍ଶାଇ ଏକ ଦରଖାସ୍ତ କରିଥିଲେ । ଯେହେତୁ ଭୁବନେଶ୍ୱର ମହାନଗର ନିଗମ ଏକ ଲାଭଜନକ ସଂସ୍ଥା ନୁହେଁ ଏବଂ କିନ୍ନର ମାନେ ସମାଜର ସାମାଜିକ ଓ ଅର୍ଥନୈତିକ ଅବହେଳିତ ହୋଇଥିବା ଯୋଗୁଁ ଏବଂ ସରକାରଙ୍କର ଉକ୍ତ ନିର୍ଦ୍ଦେଶନାମା ପାଳନ କରି, ଉକ୍ତ ଦାୟିତ୍ୱକୁ ସୁଚାରୁରୂପେ ଟି.ଜି ଏସ୍.ଏଚ୍.ଜି ଗ୍ରୁପ୍ ପାଳନ କରୁଥିବା ହେତୁ ତାହା କର୍ପୋରେସନର ଅନୁମୋଦନ ହେଲେ ତାଙ୍କୁ ପୁନଃ ଆବଂଟନ କରାଯିବ । ପ୍ରକାଶଥାଉକି, ଏହା ପୂର୍ବରୁ TG Parichaya ମଧ୍ୟ ବିଭିନ୍ନ ପାର୍କିଂସ୍ଥଳ ପରିଚାଳନା କରୁଥିଲେ । ଟି.ଜି ସ୍ୱୀକୃତିକୁ ଛାଡ଼ି ଅନ୍ୟ କୌଣସି ଟି.ଜି ଗ୍ରୁପ୍ ପାର୍କିଂସ୍ଥଳ ଆବଂଟନ ପାଇଁ ଦରଖାସ୍ତ କରିନାହାଁନ୍ତି ।

ପ୍ରଶ୍ନ-୨(୧୫). ସଭାପତି ମହୋଦୟା ଏହା ଆପଣଙ୍କର ଅବଗତି ଓ କାର୍ଯ୍ୟାନୁଷ୍ଠାନ ପାଇଁ ଉପସ୍ଥାପିତ କରୁଅଛି କି, ତଥ୍ୟ ନେବାରେ ଜଣାଯାଏ ଯେ, ସଂଖ୍ୟାଧିକ ସ୍ଥାୟୀ ବାସିନ୍ଦାମାନେ ଦୀର୍ଘ ଦିନ ଧରି ହୋଲ୍ଡିଂ ଟ୍ୟାକ୍ସ (ଘର ଟିକସ) ନଦେବା ଦ୍ୱାରା ମହାନଗର ନିଗମର ରାଜସ୍ୱ ହାନି ଘଟୁଛି । ଏ ବାବଦରେ ୱାର୍ଡ଼ ଅଫିସର ମାନେ ସମ୍ପୃକ୍ତ ଘର ମାଲିକ ମାନଙ୍କୁ ନୋଟିସ୍ ଦେଲେ ମଧ୍ୟ ସେମାନେ ଭୃକ୍ଷେପ କରୁନାହାଁନ୍ତି । ତେଣୁ ଏତାଦୃଶ ଖିଲାପକାରୀ

ବ୍ୟକ୍ତିବିଶେଷଙ୍କ ବିରୋଧରେ ମହାନଗର ନିଗମ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତାହା ଗୃହକୁ ଜଣାଇବେ କି ? ବର୍ତ୍ତମାନର ଘର ଟିକସ ହାର କେତେ ଏବଂ ଗତ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ଘର ଟିକସ ବାବଦକୁ କେତେ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା ଏବଂ କେଉଁ ହାରରେ ବର୍ଦ୍ଧିତ ନା ପୁରାତନ ?

ଉତ୍ତର-୨(୧୫). ଭୁବନେଶ୍ୱର ମହାନଗର ନିଗମର ଯେଉଁ ବଡ଼ ଖିଲାପି ଟିକସଦାତା ଗୃହ ଟିକସ ଦେଉନାହାଁନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି, ନର୍ଥ ଜୋନ୍‌ରେ ୧୧୭ ଗୋଟି, ସାଉଥ୍ ୱେଷ୍ଟ୍ ଜୋନ୍‌ରେ ୪୬ ଗୋଟି ଏବଂ ସାଉଥ୍ ଇଷ୍ଟ ଜୋନ୍‌ରେ ୧୦୬ ଗୋଟି OPDR Case ରୁଜୁ କରାଯାଇ ବକେୟା ଅର୍ଥ ଆଦାୟ ପାଇଁ ପଦକ୍ଷେପ ନିଆଯାଉଅଛି । ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପୁରାତନ ହାରରେ ଗୃହ ଟିକସ ଆଦାୟ ହେଉଅଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଟ ୭୩,୩୦,୫୩,୪୬୬/- ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ଜୁଲାଇ ମାସ ସୁଧା ଟ ୧୬,୫୬,୪୯,୭୦୫/- ଗୃହ ଟିକସ ବାବଦକୁ ଆଦାୟ କରାଯାଇଅଛି ।

<u>ଶ୍ରୀମତୀ ସୁଚିତ୍ରା ପାତ୍ର, ୱାର୍ଡ଼ ନଂ-୪୮</u>

ପ୍ରଶ୍ନ-୨(୧୬). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଜାଗା ମିଶନ୍ ଜରିଆରେ ବସ୍ତିବାସିନ୍ଦାଙ୍କୁ ଯେଉଁ ଭୂମିହୀନ ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରାଯାଇଛି ତାହା କେଉଁ ଆଧାରରେ ସ୍ଥିର କରାଯାଇଛି ?

ଯେଉଁ ଲୋକଙ୍କର ନାମ ଚୂଡ଼ାନ୍ତ ତାଲିକାରେ ପ୍ରକାଶ ପାଇଛି ସେମାନଙ୍କର ଆବଶ୍ୟକୀୟ କାଗଜପତ୍ର ସଠିକ୍ ବୋଲି U.S.H.A ସର୍ଭେ ଜଣାଇଅଛି କି ?

ମୋ ୱାର୍ଡ଼ରେ ଯେଉଁ ମାନଙ୍କର ନାମ ଚୂଡ଼ାନ୍ତ ତାଲିକାରେ ପ୍ରକାଶ ପାଇଛି ସେମାନଙ୍କୁ କିଏ ଓ କେଉଁ ଆଧାରରେ ସଠିକ୍ ବୋଲି ବିବେଚିତ କରାଇଛନ୍ତି ?

ଯେଉଁ ମାନଙ୍କର ନାମ କାଟି ଦିଆଗଲା ସେମାନଙ୍କୁ କାହିଁକି କାଟି ଦିଆଗଲା ସେମାନଙ୍କୁ କାହିଁକି ବାଦ୍ ଦିଆଗଲା ସେମାନେ ଜାଣିବା ଉଚିତ୍ କି ନୁହେଁ ?

ଯେଉଁ ମାନଙ୍କୁ ସର୍ଭେରୁ ବାଦ୍ ଦିଆଯାଇଛି ସେମାନେ କେତେ ଦିନ ମଧ୍ୟରେ ପୁନଃବାର ଭୂମିହୀନ ପ୍ରମାଣପତ୍ର ଦିଆଯିବାର ବନ୍ଦୋବସ୍ତ କରାଯିବ ଲିଖିତ ଦିଅନ୍ତୁ ।

ଉତ୍ତର-୨(୧୬). ଚୂଡ଼ାନ୍ତ ତାଲିକାରେ ପ୍ରକାଶ ପାଇଥିବା ଲୋକଙ୍କ ନାମ U.S.H.A ସର୍ଭେ ସମୟରେ ସମସ୍ତ କାଗଜପତ୍ରକୁ ତନଖି କରି ପ୍ରକାଶ କରାଯାଇଥାଏ । ଏତଦ୍ ବ୍ୟତୀତ ସମ୍ପୃକ୍ତ ତାଲିକାକୁ ସର୍ବସାଧାରଣ ବିଜ୍ଞପ୍ତି ମାଧ୍ୟମରେ ଆପତ୍ତି ଅଭିଯୋଗ ଗ୍ରହଣ ପୂର୍ବକ ଚୂଡ଼ାନ୍ତ କରାଯାଇଥାଏ ।

ଚୂଡ଼ାନ୍ତ ତାଲିକା ଜାଗା ମିଶନ୍ U.S.H.A ସର୍ଭେ ଓ ସର୍ବସାଧାରଣ ବିଜ୍ଞପ୍ତି ପରେ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇ ପ୍ରକାଶ କରାଯାଇଥାଏ ।

କୌଣସି ଲୋକଙ୍କର ନାମକୁ କାଟି ଦିଆଯାଇନାହିଁ ଯେଉଁ ମାନଙ୍କର ସଠିକ୍ ତଥ୍ୟ ହସ୍ତଗତ ହୋଇଛି ତାହା ପ୍ରଥମ ପର୍ଯ୍ୟାୟରେ ପ୍ରକାଶ କରାଯାଇଛି । ଅନ୍ୟ ମାନଙ୍କର ପୁନର୍ବାର ଯାଂଚ୍ ପୂର୍ବକ ଓ ଆବଶ୍ୟକୀୟ ତନଖି ପରେ ପ୍ରକାଶ ପାଇବ ।

ପ୍ରଥମ ପର୍ଯ୍ୟାୟ ଭୂମି ପ୍ରମାଣପତ୍ର ପ୍ରଦାନ ପରେ ଅବଶିଷ୍ଟ ଲୋକଙ୍କୁ ଦେବାପାଇଁ ସରକାର ନିଷ୍ପତି ନେବେ ।

ପ୍ରଶ୍ନ-୨(୧୭). ସଭାପତି ମହୋଦୟା ଗୃହକୁ ଜଣାଇବେ କି, କର୍ପୋରେସନକୁ ୧୭ ମାସ ବିତି ଯାଇଥିଲେ ମଧ୍ୟ ମୋ ୱାର୍ଡ଼ର ୱାର୍ଡ଼ ବଜେଟ୍ ଦିଆଯାଇଥିବା କାମ କ'ଣ ପାଇଁ ଆଜି ଯାଏଁ ସମାପ୍ତ ହୋଇପାରିଲା ନାହିଁ । ଏ ବିଷୟରେ ମୁଁ ବହୁବାର ଆଗରୁ ଲିଖିତ ଜଣାଇବା ପରେ ମଧ୍ୟ ଏହା ସମାପ୍ତ ହୋଇପାରିଲା ନାହିଁ । ବିଳମ୍ବ ହେବାର କାରଣ କ'ଣ ? କେତେ ଦିନ ମଧ୍ୟରେ ଆପଣ ପ୍ରଥମ ବର୍ଷର ୱାର୍ଡ଼ର ୱାର୍ଡ଼ ବଜେଟ୍ କାମ ଶେଷ କରିବେ ଦୟାକରି ସଠିକ୍ ଲିଖିତ ଉତର ଦିଅନ୍ତୁ ।

ଉତ୍ତର-୨(୧୭). ଭୁବନେଶ୍ୱର ମହାନଗର ନିଗମ ଅଧିନ ୱାର୍ଡ଼ ନଂ-୪୮ ରେ ସମୁଦାୟ ୬ ଗୋଟି ୱାର୍ଡ଼ ବଜେଟ୍ କାମ ଥିଲା । ତନ୍ମଧ୍ୟରୁ ୩ ଗୋଟି କାର୍ଯ୍ୟ ଶେଷ ହୋଇଯାଇଛି, ଏକ ଗୋଟି କାମ ଚାଲୁଅଛି, ଏକ ଗୋଟି କାମ ଆରମ୍ଭ ହୋଇନାହିଁ ଓ ଏକ ଗୋଟି କାର୍ଯ୍ୟର ନିବିଦା ଆହ୍ୱାନ କରାଯିବ ଓ ଯଥାଶୀଘ୍ର ନିବିଦା ଆହ୍ୱାନ କରାଯାଇ କାର୍ଯ୍ୟ ଶେଷ କରାଯିବ ।

ପ୍ରସ୍ତାବ-୩. ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

ନିର୍ଦ୍ଧାରଣ-୪(୧). ଗତ ତା ୧୬.୦୮.୨୦୨୩ ରିଖ ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୨). ଗତ ତା ୧୭.୦୮.୨୦୨୩ ରିଖ ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା ୧୪.୦୮.୨୦୨୩ ରିଖ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା ୧୮.୦୮.୨୦୨୩ ରିଖ ପ୍ଲାନିଂ ଆଣ୍ଡ୍ ଡ଼େଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା ୧୪.୦୮.୨୦୨୩ ରିଖ ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା ୧୦.୦୮.୨୦୨୩ ରିଖ ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା ୨୧.୦୮.୨୦୨୩ ରିଖ କଂଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା ୧୧.୦୮.୨୦୨୩ ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା ୧୭.୦୮.୨୦୨୩ ରିଖ ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୧୦). ଗତ ତା ୧୦.୦୮.୨୦୨୩ ରିଖ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରକାଶ ଥାଉକି ଉପର ବର୍ଣ୍ଣିତ ଷ୍ଟାଣ୍ଡିଂ କମିଟି ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ଦ୍ଧାରଣ ଗୁଡ଼ିକ ସମ୍ପୃକ୍ତ ନଥିରେ ମାନ୍ୟବର ମେୟରଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ରୁଲ୍-୨୦୦୪ ର ନିୟମ ୦୩, ୦୪, ୦୫,୦୬, ୦୭, ୦୮,୧୦,୧୧ ଓ ୧୨ ଅନୁଯାୟୀ ତହିଁ ଉପରେ ମେୟରଙ୍କ ଆଦେଶ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମର ଜୁଲାଇ-୨୦୨୩ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ :-**

ନିର୍ଦ୍ଧାରଣ-୫. ଉପସ୍ଥାପନ କରାଗଲା । ଏହା ଉପରେ ଅଡ଼ିଟ୍ ମତାମତ/ ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

**ପ୍ରସ୍ତାବ-୬.** ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ :- (ତା ୨୩.୦୮.୨୦୨୩ ରିଖ)

<u>ଶ୍ରୀ ରଶ୍ମିରଞ୍ଜନ ପାଟ୍ଟଶାଣୀ, ୱାର୍ଡ ନଂ-୬୫</u>

ପ୍ରସ୍ତାବ-୬(୧). NH-16 ର ଡ୍ରେନ୍‌ର କାର୍ଯ୍ୟ AIIMS ଛକ ଠାରୁ ଆରମ୍ଭ କରି DN Regalia Mall ପର୍ଯ୍ୟନ୍ତ ଡ୍ରେନ୍ ରୁ ଡ୍ରେନ୍ ସଂଯୋଗ କରାନଯାଇ ଅଧା ପାନ୍ତରିଆ ହୋଇ ରହିଅଛି ଯାହା ଫଳରେ ବର୍ଷା ଯୋଗୁଁ ସମସ୍ତ ଡ୍ରେନ୍ ପାଣି AIIMS ନଗର ଓ ନିର୍ମାଣାଧିନ ସବଜି ମଣ୍ଡି ଦେଇ କଳିଙ୍ଗନଗର ଆବାସିକ ଗୃହ (K-9-A) ର ସମସ୍ତ ଘର ଓ ମନ୍ଦିର ପାଣିରେ ବୁଡ଼ି ଯାଉଅଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ NH-16 କର୍ତ୍ତୃପକ୍ଷ କାର୍ଯ୍ୟ କରୁନାହାଁନ୍ତି । ବି.ଏମ୍.ସି ତରଫରୁ କି କାର୍ଯ୍ୟାନୁଷ୍ଠାନ ନିଆଯାଇ ଏହାର ସମାଧାନ କରାଯିବା ସମ୍ପର୍କରେ କର୍ପୋରେସନଙ୍କ ବିଚ୍ଚର ।

ନିର୍ଦ୍ଧାରଣ-୬(୧). ଏ ପ୍ରସ୍ତାବ ଉପରେ ନଗର ଯନ୍ତ୍ରୀ ଅନୁଧ୍ୟାନ କରିବା ପରେ ଜାତୀୟ ରାଜପଥ ପ୍ରାଧିକରଣଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୨). ଆମ୍ଭ ଶିଳ୍ପାଂଚଳରେ ଥିବା ଡ୍ରେନ୍ ଗୁଡ଼ିକର କାର୍ଯ୍ୟ IDCO ନିର୍ମାଣ କରୁଅଛି । ତାହା ଆମ୍ଭ ବି.ଏମ୍.ସି ଜାଣତରେ ହେଉଅଛି କି ନାହିଁ ? ଯଦି ହେଉଥାଏ, ତେବେ ଏହାର ପାଣି କେଉଁ ଆଡ଼କୁ ଯିବ, ସମସ୍ତ ଡ୍ରେନ୍‌ର ପାଣି ଗୁଡ଼ିକ ଜମି ଅଧିଗ୍ରହଣ କରାଯାଇ ଆମ୍ଭ ଅଂଚଳରେ ଥିବା ପ୍ରାକୃତିକ ନାଳ (ଯୋର) ରେ ଛଡ଼ାଯିବା ପାଇଁ ସୁବନ୍ଦୋବସ୍ତ କରାଯିବା ସମ୍ପର୍କରେ କର୍ପୋରେସନଙ୍କ ବିଚ୍ଚର ।

ନିର୍ଦ୍ଧାରଣ-୬(୨). ଏ ପ୍ରସ୍ତାବ ଉପରେ ନଗର ଯନ୍ତ୍ରୀ ସ୍ଥଳ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଅପରୂପ ନାରାୟଣ ରାଉତ, ୱାର୍ଡ ନଂ-୨୯</u>

ପ୍ରସ୍ତାବ-୬(୩). ବିଧାନସଭା ଅଧିବେଶନ ଠାରୁ ଆରମ୍ଭ କରି ବିଭିନ୍ନ ମହାନଗର ନିଗମରେ ବସୁଥିବା କର୍ପୋରେସନ ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ରିପୋଟିଂ କରିବାର ସୁଯୋଗ ମିଳୁଛି । କଟକ, ବ୍ରହ୍ମପୁର ଭଳି ମହାନଗର ନିଗମରେ ବସୁଥିବା କର୍ପୋରେସନରେ ବସୁଥିବା କର୍ପୋରେସନରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ସାମ୍ବାଦିକ ରିପୋଟିଂ କରିବା ସହ କର୍ପୋରେଟର ଓ ୱାର୍ଡ଼ବାସୀଙ୍କ ସମସ୍ୟାକୁ ନିଜ ପେପରରେ ସ୍ଥାନ ଦେଉଛନ୍ତି ତେଣୁ ଭୁବନେଶ୍ୱର ମହାନଗର ନିଗମ କର୍ପୋରେସନ ବୈଠକକୁ ସାମ୍ବାଦିକଙ୍କୁ ରିପୋଟିଂ ସୁଯୋଗ ଦେବା ସମ୍ପର୍କରେ କର୍ପୋରେସନଙ୍କ ବିଚ୍ଚର ।

ନିର୍ଦ୍ଧାରଣ-୬(୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଗ୍ରହଣ କରାଗଲା ନାହିଁ ।

<u>ଶ୍ରୀମତୀ ଗୀତାଞ୍ଜଳି ସାହୁ, ୱାର୍ଡ ନଂ-୩୯</u>

ପ୍ରସ୍ତାବ-୬(୪). ମହାଶୟା କର୍ପୋରେଟର ମାନଙ୍କୁ ମାସିକ ଦରମା ବାବଦକୁ ଟ୭୦୦୦/- ଦେଇ ଅପମାନିତ କରିବା ଅପେକ୍ଷା ତାହା ରାଜ୍ୟ ସରକାରଙ୍କ ରିଲିଫ୍ ଫଣ୍ଡକୁ ପଠାଇଲେ ଆମେ ଖୁସି ହେବୁ । ତେଣୁ ଦୟାକରି ମୋର ମାସିକ ଦରମା ମୋ ଆକାଉଂଟ୍‌କୁ ନ ପଠାଇ ରାଜ୍ୟ ସରକାରଙ୍କ ରିଲିଫ୍ ଫଣ୍ଡକୁ ପଠାଇବାକୁ ଅନୁରୋଧ ।

ନିର୍ଦ୍ଧାରଣ-୬(୪). ଏ ପ୍ରସ୍ତାବ ଗ୍ରହଣ କରାଗଲା ନାହିଁ, କର୍ପୋରେଟର ମହୋଦୟା ଚ୍ଚହିଁଲେ ନିଜେ ରାଜ୍ୟ ସରକାରଙ୍କ ରିଲିଫ୍ ଫଣ୍ଡକୁ ଅର୍ଥ ଦେଇପାରିବେ ବୋଲି ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୬(୫). ଅନ୍ତୋଦୟ କାର୍ଡ଼ଧାରୀ ମାନଙ୍କୁ ସେମାନଙ୍କ ନିକଟସ୍ଥ ଡ଼ିଲର୍ ମାନଙ୍କ ପାଖରୁ ରାସନ୍ ଉଠାଇବା ପାଇଁ ଅନୁମତି ପ୍ରଦାନ କରାଯାଉ ।

ନିର୍ଦ୍ଧାରଣ-୬(୫). ଏ ପ୍ରସ୍ତାବ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଜଣାଇବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭. ତା ୨୩.୦୮.୨୦୨୩ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ :-

ପ୍ରସ୍ତାବ-୭(୧). ପ୍ରତି ବର୍ଷ ପରି ଚଳିତ ବର୍ଷ ୨୦୨୩ ରେ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ରଥଯାତ୍ରା ଉପଲକ୍ଷେ ଭୁବନେଶ୍ୱର ମହାନଗର ନିଗମ ରିକ୍ରେସନ୍ କ୍ଲବ୍ ତରଫରୁ ସମବେତ ଯାତ୍ରୀ/ ଦର୍ଶନାର୍ଥୀ ତଥା ଭକ୍ତ ମାନଙ୍କୁ ରୌଦ୍ରତାପରୁ (ତା ୨୯.୦୩.୨୦୨୩ ରିଖରୁ ତା ୦୨.୦୪.୨୦୨୩ ରିଖ) ରକ୍ଷା କରିବା ନିମନ୍ତେ ଛାୟା ପ୍ରଦାନ, ଶୀତଳ ସୁବାସିତ ଜଳ ସିଂଚନ, ଥଣ୍ଡା ପାନୀୟ ଜଳ ବଂଟନ ଏବଂ ଅନ୍ନଛତ୍ର ଦାନ ନିମନ୍ତେ ସାଧାରଣ ସମ୍ପାଦକ, ଭୁବନେଶ୍ୱର ମହାନଗର ନିଗମ ରିକ୍ରେସନ୍ କ୍ଲବ୍ ଟ ୧,୦୦,୦୦୦/- (ଏକ ଲକ୍ଷ ଟଙ୍କା) ମାତ୍ର ଅନୁଦାନ ମଞ୍ଜୁର କରିବା ପାଇଁ ଅନୁରୋଧ କରିଥିଲେ । କର୍ପୋରେସନଙ୍କ ଅନୁମୋଦନ ପ୍ରତ୍ୟାଶାରେ ମାନନୀୟା ମେୟରଙ୍କ ଅନୁମୋଦନ କ୍ରମେ କର୍ପୋରେସନ ନିୟମ ୨୦୦୩ ଧାରା-୨୫, ଉପଧାରା- XXXII ପ୍ରଦତ କ୍ଷମତା ଅନୁଯାୟୀ ଟ ୭୫,୦୦୦/- (ପଂଚସ୍ତରୀ ହଜାର) ମାତ୍ର ଭୁବନେଶ୍ୱର ମହାନଗର ନିଗମ ରିକ୍ରେସନ୍ କ୍ଲବ୍‌ର ସାଧାରଣ ସମ୍ପାଦକଙ୍କ ସପକ୍ଷରେ ଅନୁଦାନ ମଞ୍ଜୁର କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର :- ନଥି ନଂ- XXXXII- (Gen. G.I.A)-1/19 ଟିପ୍ପଣୀ ପୃଷ୍ଠା-୮୯ ରୁ ୯୭ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧). ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨). RFP No.-33283, ରେ ବିଭିନ୍ନ ସ୍ଥାନରେ ପାର୍କିଂ ପାଇଁ ଟେଣ୍ଡର ଡ଼କାଯାଇଥିଲା । କିନ୍ତୁ ପ୍ୟାକେଜ୍ ୨ ଏବଂ ୩ (ପ୍ୟାକେଜ୍-୨- ରାଜମହଲ ଛକ ରୁ ମାଷ୍ଟର କ୍ୟାଂଟିନ୍, ପ୍ୟାକେଜ୍ ୩- ମାଷ୍ଟର କ୍ୟାଂଟିନ୍ ରୁ ଶ୍ରିୟା ଛକ) ପର୍ଯ୍ୟନ୍ତ ପାର୍କିଂ ସ୍ଥାନକୁ ପୂର୍ବରୁ ପରିଚାଳନା କରୁଥିବା ଟି.ଜି ସ୍ୱୀକୃତି ଏସ୍.ଏସ୍.ଜି ଗ୍ରୁପ୍‌କୁ ପୁନଃ ଆବଂଟନ କରାଯିବାକୁ ପ୍ରସ୍ତାବ ଏବଂ ଟେଣ୍ଡର ପ୍ରକ୍ରିୟାରୁ ଉକ୍ତ ପାର୍କିଂସ୍ଥଳକୁ ସେହି ନିର୍ଦ୍ଧାରିତ ଦରରେ ଏବଂ ବର୍ଷ ପାଇଁ ବାଦ ଦେବାପାଇଁ ପ୍ରସ୍ତାବ । File No.-XXII(L)-11/22

ନିର୍ଦ୍ଧାରଣ-୭(୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୩). RFP No.-23081, ରେ ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟ କରିବା ପାଇଁ PMU ପ୍ରତିଷ୍ଠା ନମନ୍ତେ ଡ଼କାଯାଇଥିବା RFP ରେ M/s. EgisIndia. Consulting Engineering Pvt. Ltd. ସବୁଠାରୁ କମ୍ ମୂଲ୍ୟ ଟ ୧୯,୮୫,୪୯୦/- ରେ ଦେଇଥିବାରୁ ତାହା ଗ୍ରହଣ କରି ବାର୍ଷିକ ୧୦ ପ୍ରତିଶତ ବୃଦ୍ଧି ସହିତ ୩ ବର୍ଷ ପାଇଁ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ପ୍ରସ୍ତାବ । File No.-XXXX-(Project)-37/18 (Pt.)

ନିର୍ଦ୍ଧାରଣ-୭(୩). ପ୍ରସ୍ତାବ ବର୍ଣ୍ଣିତ ସର୍ବନିମ୍ନ ଦରଦାତାଙ୍କର ଦର ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା । କିନ୍ତୁ ବାର୍ଷିକ ୧୦% ବୃଦ୍ଧି RFP ରେ ଥିଲେ ମଧ ଉକ୍ତ ସଂସ୍ଥା ସହିତ ବୁଝାମଣା କରି ତାହାକୁ ୫% କୁ ଆଣିବା ପାଇଁ ପ୍ରଚେଷ୍ଟା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୪). ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1. | Constn. of RCC box drain with Road from Mahadev Nagar Chhaka to Gangua Bridge in Ward No.-32 File No.- XXXXXV-(D)-282/2022 | Rs.2,90,67,818/- | Rs.3,04,92,140/- | Krushna Ch. Mohanty | 4.90 |

ନିର୍ଦ୍ଧାରଣ-୭(୪). ଏ ପ୍ରସ୍ତାବ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-1(c) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା କେତେକ ବସ୍ତିରେ କେତେକ ଧନୀ ବ୍ୟକ୍ତି ବଡ଼ ବଡ଼ କୋଠାଘର ନିର୍ମାଣ କରି ରହିଛନ୍ତି । ସେମାନଙ୍କର ଭୁବନେଶ୍ୱରରରେ ଅନ୍ୟ ଜାଗାରେ ମଧ ପକ୍କା ଘର ଅଛି କିନ୍ତୁ ସେମାନେ LRC ପାଇବା ପାଇଁ ତାଲିକାରେ ନାମ ଅଛି, SDA ମାନେ ବସ୍ତିରେ ରହୁଥିବା ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକା ଦେବାପାଇଁ ଦାୟିତ୍ୱ ଦିଆଯାଇଅଛି, ଯଦି ସମ୍ପୃକ୍ତ ବସ୍ତିରେ ଅଯୋଗ୍ୟ ହିତାଧିକାରୀଙ୍କ ନାମ ବାହାରେ ତେବେ ସମ୍ପୃକ୍ତ ବସ୍ତିର SDA ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୧) ତା ୧୯.୦୭.୨୦୨୩ ରିଖରେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ତଦନୁଯାୟୀ ମେୟରଙ୍କ ଆଦେଶ ମତେ ଏହା ଉପରେ କର୍ପୋରେସନଙ୍କ ବିଚ୍ଚର :-
File No.-XXXXVI-(PMAY)-3/22

ନିର୍ଦ୍ଧାରଣ-୭(୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୬). ଭୁବନେଶ୍ୱର ମହାନଗର ନିଗମର କେତେକ ବସ୍ତିରେ ସାର୍ଟଲାଇଟ୍/ଡ୍ରୋନ୍ ସର୍ଭେ ସମୟରେ କିଛି ବସ୍ତିରେ କେତେକ ଅଂଶର ଫଟୋ ଆସୁନଥିବାରୁ ସେହି ଅଂଶରେ ରହୁଥିବା ବସ୍ତିବାସିନ୍ଦା LRC ପାଇବା ପାଇଁ ବଂଚିତ ହେଉଛନ୍ତି, ତେଣୁ ସେହି ବସ୍ତିର ସାର୍ଟଲାଇଟ୍/ଡ୍ରୋନ୍ ସର୍ଭେ ଆଉ ଥରେ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୨) ତା ୧୯.୦୭.୨୦୨୩ ରିଖରେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ତଦନୁଯାୟୀ ମେୟରଙ୍କ ଆଦେଶ ମତେ ଏହା ଉପରେ କର୍ପୋରେସନଙ୍କ ବିଚ୍ଚର :- File No.-XXXXVI-(PMAY)-3/22

ନିର୍ଦ୍ଧାରଣ-୭(୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୭). ଭୁବନେଶ୍ୱର ମହାନଗର ନିଗମାଂଚଳର କେତେକ ବସ୍ତିବାସିନ୍ଦା ଅନ୍ୟ ବିଭାଗର ଜମି ଉପରେ ଘର କରି ବସବାସ କରୁଥିବାରୁ ସେମାନଙ୍କୁ LRC ଦେବାପାଇଁ ଅସୁବିଧା ହେଉଅଛି, ତେଣୁ ସମ୍ପୃକ୍ତ ବିଭାଗଙ୍କ ଠାରୁ NOC ଆଣିବା ପାଇଁ ଅନୁରୋଧ କରିବା ନିମନ୍ତେ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୩) ତା ୧୯.୦୭.୨୦୨୩ ରିଖରେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ତଦନୁଯାୟୀ ମେୟରଙ୍କ ଆଦେଶ ମତେ ଏହା ଉପରେ କର୍ପୋରେସନଙ୍କ ବିଚ୍ଚର :- File No.-XXXXVI-(PMAY)-3/22

ନିର୍ଦ୍ଧାରଣ-୭(୭). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୮). ଚେନାଇର ନୋଚିକୁପ୍ପମ୍ ସହରରେ ବସ୍ତିବାସିନ୍ଦାଙ୍କୁ କିଭଳି ଥଇଥାନ କରାଯାଇଅଛି ତାହା ଦେଖିବା ପାଇଁ କମିଟି Exposer Visit ରେ ଯିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୪) ତା ୧୯.୦୭.୨୦୨୩ ରିଖରେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ତଦନୁଯାୟୀ ମେୟରଙ୍କ ଆଦେଶ ମତେ ଏହା ଉପରେ କର୍ପୋରେସନଙ୍କ ବିଚ୍ଚର :-
File No.-XXXXVI-(PMAY)-3/22

ନିର୍ଦ୍ଧାରଣ-୭(୮). ଏ ପ୍ରସ୍ତାବ ଉପରେ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୯). ଭୁବନେଶ୍ୱର ମହାନଗର ନିଗମ ଅରବିନ୍ଦନଗରରେ ନିର୍ମାଣ ହୋଇଥିବା BSUP ଘରରୁ ସ୍ୱେରେଜ୍ ପାଣି ନିଷ୍କାସନ ହୋଇପାରୁନଥିବାରୁ ସେଠାରେ ବସବାସ କରୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୫) ତା ୧୯.୦୭.୨୦୨୩ ରିଖରେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ତଦନୁଯାୟୀ ମେୟରଙ୍କ ଆଦେଶ ମତେ ଏହା ଉପରେ କର୍ପୋରେସନଙ୍କ ବିଚ୍ଚର :-
File No.-XXXXVI-(PMAY)-3/22

ନିର୍ଦ୍ଧାରଣ-୭(୯). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୦). ଭୁବନେଶ୍ୱର ମହାନଗର ନିଗମ Public Health, Electric Supply, Water Supply, Drainage and Environment Standing Committee ବୈଠକ ତା ୦୬.୦୬.୨୦୨୨ରିଖର ସୁପାରିଶ ଏବଂ କର୍ପୋରେସନ Resolution ତା ୧୦.୦୬.୨୦୨୨ରିଖ ଅନୁଯାୟୀ ପ୍ରତ୍ୟେକ ଜୋନରେ ଗୋଟିଏ ଲେଖାଏଁ ଏନଫୋର୍ସମେଂଟ ସ୍କ୍ୱାର୍ଡର ଗଠନ କରାଯାଇଥିଲା । ପରବର୍ତୀ ସମୟରେ ଆବଶ୍ୟକତାକୁ ଭିତିକରି ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ସଫେଇ କାର୍ଯ୍ୟର ମାନ ବୃଦ୍ଧି କରିବା ପାଇଁ ଅତିରିକ୍ତ ପ୍ରତି ଜୋନ ପାଇଁ ଦୁଇଟି ଲେଖାଏଁ Multipurpose Decentralised Enforcement Squard ଗଠନ କରାଯାଇଛି । ଏହି Enforecement Squard ଦ୍ୱାରା ପରିମଳ ଏବଂ ଭୁବନେଶ୍ୱର ସୌନ୍ଦର୍ଯ୍ୟକୁ ବାଧାପ୍ରାପ୍ତ କରୁଥିବା C & D dumping, littering, Market enforcement, violation of TPW (Tree, Poll, Wall) Cleaning, 5 meter radius ସଫେଇ ଇତ୍ୟାଦି ପ୍ରତି ଜୋନ୍ ମାଧମରେ enforcement କରାଯାଉଅଛି । ଏହି Multipurpose Decentralised Enforcement squard ମାନନୀୟା ମେୟର ମହୋଦୟାଙ୍କ ତା୦୧.୦୩.୨୦୨୩ ରିଖ ଅନୁମୋଦନ କ୍ରମେ ଏହି enforcement କାର୍ଯ୍ୟ କରାଯାଉଅଛି, ଯାହାକି "SHINE" (Sanitation and Hygiene Inspection For Neat Environment) ନାମରେ ନାମିତ କରାଯାଇ ତା ୧୩.୦୮.୨୦୨୩ ରିଖରେ ଏହାର launching ମାନନୀୟା ମେୟର ମହୋଦୟା, ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଚେୟାରପରସନ୍ ଏବଂ ସମ୍ମାନନୀୟ ଅତିଥିଙ୍କ ଗହଣରେ କରାଯାଇଅଛି । ନଥି ନଂ-XXXXX-II-swm-92/2023 ରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଏହାର କାର୍ଯ୍ୟୋତର ଅନୁମୋଦନ ସଂପର୍କରେ କର୍ପୋରେସନଙ୍କ ବିଚାର ।

ନିର୍ଦ୍ଧାରଣ-୭(୧୦).ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୧). ଭୁବନେଶ୍ୱର ମହାନଗର ନିଗମର ଯେଉଁ ନିୟମିତ କର୍ମଚାରୀ ମାନେ ଅବସର ଗ୍ରହଣ କରୁଛନ୍ତି ସେମାନଙ୍କୁ ଅବସର ହେବା ଦିନ ତାଙ୍କର ପ୍ରୋଭିଜିନାଲ୍ ପେନ୍‌ସନ୍ ଦେବାପାଇଁ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୧) ତା ୧୧.୦୮.୨୦୨୩ ରିଖରେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ତଦନୁଯାୟୀ ମେୟରଙ୍କ ଆଦେଶ ମତେ ଏହା ଉପରେ କର୍ପୋରେସନଙ୍କ ବିଚାର :-
File No.-XXXXII-(P)-69/23 ଟିପ୍ପଣୀ ପୃଷ୍ଠା-୧ ରୁ ୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୧).ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୨.୫୮ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ସୁଲୋଚନା ଦାସ
ସଭାପତି
ତା ୨୩.୦୮.୨୦୨୩ ରିଖ